# ସମ୍ବଲପୁରର କ୍ରୀଡ଼ା ସଂସ୍କୃତି ଓ ଫୁଟ୍‌ବଲର ଲୋକପ୍ରିୟତାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା






**ସମ୍ବଲପୁର, ୬।୧(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଜିଲ୍ଲାରେ କ୍ରୀଡା କ୍ଷେତ୍ରରେ ବିକାଶ ପାଇଁ ୧୨୦ କୋଟି ଟଙ୍କାର ଭେଟି ଦେଇଛନ୍ତି। ଶନିବାର ଆଭାସୀ ଜରିଆରେ ବୁର୍ଲା ଇନଡୋର ଷ୍ଟାଡିୟମକୁ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହା ସହ ହକି ଷ୍ଟାଡିୟମ ସମେତ ସମ୍ବଲପୁର ଫୁଟବଲ ଏକାଡେମୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ରୀଡା କମ୍ପ୍ଲେକ୍ସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ ଯୁବକମାନଙ୍କ କ୍ରୀଡ଼ା, ଭବିଷ୍ୟତ ପାଇଁ ଏହି ଯୋଜନା କରିଥିବା ବେଳେ ଏହି ପ୍ରକଳ୍ପଗୁଡିକ ୫-ଟି ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ମୁଖ୍ୟମନ୍ତ୍ରୀ କ୍ରୀଡ଼ା ସଂସ୍କୃତିର ପ୍ରଶଂସା କରିବା ସହ ଏହି ସୁବିଧା ଜିଲ୍ଲାର କ୍ରୀଡ଼ା ବିକାଶକୁ ଆହୁରି ସୁଦୃଢ କରିବ ବୋଲି ଆଶା ପ୍ରକଟ କରିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ସମ୍ବଲପୁରରେ ଫୁଟବଲ ବହୁତ ଲୋକପ୍ରିୟ। ସ୍ଥାନୀୟ ଫୁଟବଲ ପ୍ରତିଭା ଚିହ୍ନଟ ପାଇଁ ଉନ୍ନତମାନର ତାଲିମ ଏବଂ ପ୍ରତିଯୋଗିତାମୂଳକ ସୁବିଧା ଯୋଗାଇବା ନିମନ୍ତେ ସମ୍ବଲପୁର ଫୁଟବଲ ଏକାଡେମୀ ପ୍ରତିଷ୍ଠା କରାଯାଉଛି। ବୁର୍ଲା ଇନଡୋର ଷ୍ଟାଡିୟମରେ ୪ଟି ବ୍ୟାଡମିଣ୍ଟନ କୋର୍ଟ ଏବଂ ୪୦୦ରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ପାଇଁ ବସିବା କ୍ଷମତା ରହିଛି। '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତ ବେହେରା, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଜିଲ୍ଲାପାଳ ଅନନ୍ୟା ଦାସ, କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଏମ୍‌ସିଏଲର ନିର୍ଦ୍ଦେଶକ (ବୈଷୟିକ) ଜେକେ ବୋରା, ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ବିଧୁଭୂଷଣ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବସ୍ ଧକ୍କାରେ ଯୁବକ ଗୁରୁତର

**ରେଢ଼ାଖୋଲ, ୬।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ଭୀମଭୋଇ ଛକ ଠାରେ ଜଣେ ଯୁବକଙ୍କୁ ଏକ ଯାତ୍ରୀବାହୀ ବସ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଯୁବକ ଅବସ୍ଥା ଗୁରୁତର ହୋଇଯାଇଥିଲା। ଡାକ୍ତରଖାନା ରେ ଚିକିତ୍ସିତ ହେବା ପରେ ଯୁବକ ଜଣଙ୍କ ରେଢ଼ାଖୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଯୁବକ ଜଣଙ୍କ ହେଲେ ରେଢ଼ାଖୋଲ ସହରର ଶିବଶଙ୍କର ପଡ଼ାର ବିଶ୍ୱଜିତ ବାଘ। ସୂଚନାଯୋଗ୍ୟ ଯେ ଉକ୍ତ ଯୁବକ ଭୀମଭୋଇ ଛକ ଠାରେ ରାତ୍ରି ସମୟରେ କୌଣସି କାର୍ଯ୍ୟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ବେଳେ ସମ୍ବଲପୁର ପଟରୁ ବଉଦ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ ଆସି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଯୁବକ ଜଣଙ୍କ ଗୋଡ଼, ଅଣ୍ଟା ଓ ହାତରେ ଗଭୀର ଆଘାତ ଲାଗିବା ସହିତ ନିଜର ଏକ ମୋବାଇଲ ଭାଙ୍ଗି ଯାଇଥିଲା। ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେବା ପରେ ଯୁବକ ଜଣଙ୍କ ରେଢ଼ାଖୋଲ ଥାନାରେ ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିବା ଜଣାପଡ଼ିଛି।

## ଟ୍ରକ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**ରେଙ୍ଗାଲି, ୬।୧(ସମିସ):** ସମ୍ବଲପୁର-ରାଉରକେଲା ୧୦ ନମ୍ବର ରାଜ୍ୟ ରାଜପଥର ଧୁବେନଛାପଲ ଛକ ପାଖରେ ଆଜି ଅପରାହ୍ନରେ ଏକ ଟ୍ରକ ଧକ୍କାରେ ଜନୈକ ବାଇକ୍ ଆରୋହୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଲୁନା ଆରୋହୀ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ବାଇକ ଆରୋହୀ ମେଘପାଳ ନିବାସୀ ସୁମିତ ସମଦ(୨୬) ଏବଂ ଆହତ ଲୁନା ଆରୋହୀ ଝାରସୁଗୁଡା ଜିଲ୍ଲାର ରାମପୁର ଗ୍ରାମର ଅଗଷ୍ଟି ବେହେରା(୫୩) ବୋଲି ଠେଲକୋଲୋଇ ଆଇଆଇସି ସାବିତ୍ରୀ ବଳଙ୍କ ଠାରୁ ପ୍ରକାଶ। ଦୁର୍ଘଟଣାର ଖବର ପାଇ ଠେଲକୋଲୋଇ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଆହତ କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇ ମୃତକର ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିବାର ଜଣାପଡ଼ିଛି। ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ଟ୍ରକ, ବାଇକ୍ ଓ ଲୁନା ଜବତ କରାଯାଇଛି।



'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବଲିଉଡ ସିନେ ତାରକା ହରିଶ କୁମାରଙ୍କୁ ହୋଟେଲ ଡଲ୍‌ଫିନ୍‌ରେ ସ୍ୱାଗତ

## ଦ୍ୱିତୀୟ ଅନ୍ଧାରପାଟ ଭଲିବଲ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

**ହୀରାକୁଦ, ୬।୧(ସମିସ):** ଆଜି ଅନ୍ଧାରପାଟ ଖେଳପଡ଼ିଆ ଠାରେ ଦ୍ୱିତୀୟ ଅନ୍ଧାରପାଟ ଭଲିବଲ ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ସଭାପତି ଭୀମସେନ ଆଇନଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଉମାଶଙ୍କର ଗୌଡ଼ ସଭା ପରିଚାଳନା କରିଥିଲେ। ଜାନୁଆରୀ ୧୩ ଓ ୧୪ ତାରିଖ ଦୁଇଦିନ ଧରି ପ୍ରତିଯୋଗିତା ଅନୁଷ୍ଠିତ କରାଯିବ ଏବଂ ଏଥିରେ ୮ ଟି ଦଳ ଅଂଶ ଗ୍ରହଣ କରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ଓରାମ, ସୁଧୀର ତରିଆ, ସୁନିତ ଖେସ, ପଦ୍ମନାଭ ଚୌହାନ, ମାନସ, ଅରୁଣ ଚୌହାନ, ରାହୁଲ ଏବଂ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଅଞ୍ଚଳର ଭଲିବଲ ଖେଳକୁ ଆହୁରି ସୁଦୃଢ଼ କରିବ ସହ ସ୍ୱାସ୍ଥ୍ୟକୁ ସୁନ୍ଦର, ସ୍ୱସ୍ଥ କରିବା ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ।

## ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ

**ଜମନକିରା, ୬।୧(ସମିସ):** ଜମନକିରା ବ୍ଲକ ବିଡ଼ିଓ ରୀନା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ଶନିବାର ହୋଇଯାଇଛି। ଉକ୍ତ ରଥରଟିର ଶୁଭ ଉଦ୍‌ଘାଟନ ଜମନକିରା ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ ପକତା ଦେଖାଇ ଉଦଘାଟନ କରିଥିଲେ। ଜୟ ଜଗନ୍ନାଥ ଅର୍ପଣ ରଥଟି ଜମନକିରା ବ୍ଲକ ଅନ୍ତର୍ଗତ ୨୧ ଗୋଟି ପଞ୍ଚାୟତକୁ ପରିକ୍ରମା କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇ ଆସନ୍ତା ୧୭ ତାରିଖରେ ପୁରୀ ଶ୍ରୀ ମନ୍ଦିରରେ ହେବାକୁ ଥିବା ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ ପାଇଁ ଅଞ୍ଚଳ ପରିକ୍ରମା କରି ଅଞ୍ଚଳ ବାସୀଙ୍କ ଠାରୁ ସଂଗ୍ରହ ହୋଇଥିବା ଅର୍ଣ୍ଣ ପ୍ରସାଦ ସଂଗ୍ରହ କରି ଶ୍ରୀମନ୍ଦିରକୁ ପଠାଯିବ। ଏହି କାର୍ଯ୍ୟକ୍ରମରେ ଜମନକିରା ବିଡ଼ିଓ ରୀନା ନାଏକ, ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, ବ୍ଲକ ଉପାଧକ୍ଷ ରୋହିତ ଭୋଇ, ଏଇଇ ସାଲିନି ସିଂ, ଜମନକିରା ଓଏଲଏମ ସରୋଜ ମିଶ୍ର, ଏପିଓ ମନୋଜ ଭୋଇ, ଏସିପି ରବୀନ୍ଦ୍ର ନାଥ ସାହୁ, ଓମପ୍ରକାଶ ସାହୁ, ଜମନକିରା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟ ପଣ୍ଡା, ଜମନକିରା ସମିତି ସଭ୍ୟା ମିତା ମାଝୀ ଉପସ୍ଥିତ ରହି ଏହି ରଥର ଶୁଭାରମ୍ଭ କରିଥିଲେ। ରଥ ଶୁଭାରମ୍ଭ ସମୟରେ ଅଞ୍ଚଳରେ ଶଣ୍ଢପଥର ଓ ଜମନକିରା କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଜଗନ୍ନାଥଙ୍କ ଆରାଧନା କରାଯାଇ ବ୍ଲକ ପରିସରରେ ଆଧାତ୍ମିକ ପରିବେଶରେ ସୃଷ୍ଟି ହୋଇଥିଲା। ଶୁଭାରମ୍ଭ ସମୟରେ ଅଞ୍ଚଳର ବିଭିନ୍ନ ଏସଏଚଜି ପକ୍ଷରୁ ହୁଳହୁଳି ଦେଇ ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ମାଲ୍ୟାପର୍ଣ କରି ଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀ ସହିତ ଅଞ୍ଚଳର ପିଆରଆଇ ସଦସ୍ୟ ସହିତ ଶତାଧିକ ଏସଏଚଜି ମହିଳା ଉପସ୍ଥିତ ଥିଲେ।



## ଜମନକିରାରେ ସମୃଦ୍ଧି ତାଲିମ ଶିବିର

**ଜମନକିରା, ୬।୧(ସମିସ):** ଜମନକିରା ବ୍ଲକ ଶିକ୍ଷା ଗୋଷ୍ଠୀ ଅଧିକାରୀ ରୁକ୍ମଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବ୍ଲକ ଅନ୍ତର୍ଗତ ପ୍ରାଥମିକ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇ ସପ୍ତମ ପର୍ଯ୍ୟାୟ ସମୃଦ୍ଧି ତାଲିମ ଶିବିର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜମନକିରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାୟକ ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ସମ୍ପର୍କରେ ଉପସ୍ଥିତ ଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିବା ବେଳେ ସୁଦୀପ୍ତ ପଟେଲ, ରଞ୍ଜନ ପଟେଲ, ମଣିନ୍ଦ୍ର ଭୋଇ, ପ୍ରତାପ ମହାପାତ୍ର ତାଲିମ ଶିବିରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଶେଷରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ତାଲିମ ଶିବିରରେ ତାଲିମ ପ୍ରାପ୍ତ କରିଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ତାଲିମ ଶିବିରକୁ ଶ୍ରୀକାନ୍ତ ପଟେଲ ପରିଚାଳନା କରିଥିଲେ।

## ମାଣ୍ଡିଆର ଗୁଣବତ୍ତା ମାନ ପ୍ରଶିକ୍ଷଣ ଶିବିର



**ସମ୍ବଲପୁର, ୬।୧(ସମିସ):** ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମ ପକ୍ଷରୁ ଚଳିତ ୨୦୨୩- ୨୪ ବର୍ଷ ପାଇଁ ସରକାରୀ ନିର୍ଦ୍ଧାରିତ ଦରରେ ମାଣ୍ଡିଆ କ୍ରୟ କରିବା ସକାଶେ ଏକ ଗୁଣବତ୍ତା ମାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ମାଣ୍ଡିଆର ସର୍ବନିମ୍ନ ହାରାହାରି ଗୁଣବତ୍ତା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମ୍ବଲପୁର ଗୌରୀ ଶଙ୍କର ସିଂଙ୍କ ଅଧ୍ୟକ୍ଷତାରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଆଦିବାସୀ ଉନ୍ନୟନ ସମବାୟ ନିଗମ ସମ୍ବଲପୁର ଶାଖା ପରିଚାଳକ ରମାକାନ୍ତ ଜେନା, ଓଡ଼ିଶା ମିଲେଟ ମିଶନର ଅନୁବନ୍ଧିତ ସଂସ୍ଥା 'ୱାସ୍‌ନ'ର ସମ୍ବଲପୁର ଜିଲ୍ଲା ସଂଯୋଜକ ସୁଧାଂଶୁ ରାୟଗୁରୁ, ବରଗଡ଼ ସଂଯୋଜକ ନାରାୟଣ ପାଣିଗ୍ରାହୀ, ଝାରସୁଗୁଡ଼ା ଜିଲ୍ଲା ସଂଯୋଜକ ସବ୍ୟସାଚୀ ହନୁମାନ, କ୍ଷେତ୍ର ନିରିକ୍ଷକ ବାୟା ମାରାଣ୍ଡି, ଅଜୟ କୁମାର ସାହୁ, ସ୍କିମ ଅଫିସର ଟଙ୍କଧର ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବୈଠକରେ ସମ୍ବଲପୁର ଜିଲ୍ଲା ଖାଦ୍ୟ ଯୋଗାଣ ବିଭାଗର ଗୁଣବତ୍ତା ଅଧିକାରୀ ତପସ୍ୱିନି ବେହେରା ଯୋଗଦାନ କରି ମାଣ୍ଡିଆର ପରିମାପକ ସମ୍ପର୍କରେ କ୍ଲଷ୍ଟର ସ୍ତରୀୟ ବରଗଡ଼, ଝାରସୁଗୁଡା ଏବଂ ସମ୍ବଲପୁର ଜିଲ୍ଲାର ଚାଷୀ ଉତ୍ପାଦକ ସଂଘର ଜିଲ୍ଲା ସଂଯୋଜକ, ବ୍ଲକ ସଂଯୋଜକ, ସହ ସଂଯୋଜକ ଏବଂ ଚାଷୀ ଉତ୍ପାଦକ ସଂଘ ସଦସ୍ୟ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଚଳିତବର୍ଷ ମାଣ୍ଡିଆର ସରକାରୀ ନିର୍ଦ୍ଧାରିତ ଦର କିଲୋଗ୍ରାମ ପ୍ରତି ଟ. ୩୮.୪୬ ଙ୍କା ରହିଥିବା ବେଳେ ନିଜର ଉତ୍ପାଦିତ ମାଣ୍ଡିଆ ବିକ୍ରୟ ପାଇଁ ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀ, ସହକାରୀ କୃଷି ଅଧିକାରୀ, ପେକ୍ସ, ସମବାୟ ସମିତି, ପ୍ରଡୁସର କମ୍ପାନୀ, କୃଷି ବିଭାଗ ଦ୍ୱାରା ଅନୁବନ୍ଧିତ ସ୍ୱୟଂ ସହାୟକ ଗୋଷ୍ଠୀ ର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରି ନିକଟସ୍ଥ ମାଣ୍ଡିଆ ମଣ୍ଡିରୁ ଟୋକନ ସଂଗ୍ରହ ପୂର୍ବକ ସର୍ବନିମ୍ନ ସହାୟକ ମୂଲ୍ୟରେ ମାଣ୍ଡିଆ ବିକ୍ରୟର ସୁଯୋଗ ନେବାକୁ ଆଦିବାସୀ ଉନ୍ନୟନ ବିଭାଗ ସମ୍ବଲପୁର ଶାଖା ପରିଚାଳକ ଶ୍ରୀ ଜେନା ଚାଷୀ ମାନଙ୍କୁ ଅନୁରୋଧ କରିଛନ୍ତି।

## ନାକଟିଦେଉଳ ସ୍ନାତକ କଲେଜ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ

**ନାକଟିଦେଉଳ, ୬।୧(ସମିସ):** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ରେଡକ୍ରସ ଜାତୀୟ ସେବା ଯୋଜନା ଓ ସମ୍ବଲପୁର ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ କଲେଜର ଅଧ୍ୟକ୍ଷ ସୁଧିର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ କାହ୍ନୁଚରଣ କାନାରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ଗାଡି ଚଳାଇଲା ବେଳେ ପରିବହନ ବିଭାଗ ପକ୍ଷରୁ ରହିଥିବା ବିଭିନ୍ନ ନିୟମାବଳୀ ଯଥା ଡ୍ରାଇଭିଙ୍ଗ୍ ଲାଇସେନ୍ସ, ହେଲମେଟ, ମୋବାଇଲ ବ୍ୟବହାର କରୁଥିବା, ସିଟବେଲ୍ଟ ବ୍ୟବହାର କରୁନଥିବା, ଦ୍ରୁତଗତିରେ ଗାଡିଚାଳନା ଓ ମଦ୍ୟପାନ କରି ଗାଡିଚଳାଇ ଟ୍ରାଫିକ୍ ନିୟମ ଉଲ୍ଲଂଘନ କାରୀଙ୍କ ପାଇଁ ରହିଥିବା ବିଭିନ୍ନ ଦଣ୍ଡ ଓ ଜୋରିମାନା ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ଉପସ୍ଥିତ ରହି ସଡକ ସୁରକ୍ଷା ସପ୍ତାହର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଦେବେଶ ବିଶ୍ୱାଳ ମଞ୍ଚାସୀନ ରହି ଅତିଥି ପରିଚନ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶେଷଦେବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହ କଲେଜର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଆସିଥିବା କର୍ମଚାରୀ ମାନେ କଲେଜ ଠାରୁ ନାକଟିଦେଉଳ ବ୍ଲକ ଛକ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରାରେ ବାହାରି ବିନା ହେଲମେଟ୍ ରାସ୍ତାରେ ଗାଡ଼ି ଚଳାଉଥିବା ଲୋକଙ୍କୁ ଚକଲେଟ୍ ଦେଇ ଦୁର୍ଘଟଣାରୁ ବର୍ତ୍ତିବା ନିମନ୍ତେ ସଦାବେଳେ ହେଲମେଟ୍ ବ୍ୟବହାର କରିବା ପାଇଁ ଏବଂ ଦ୍ରୁତ ଗତିରେ ଗାଡି ନଚଳାଇବା ପାଇଁ ସଚେତନ କରିଥିଲେ। ଏଥିରେ ଅଧ୍ୟାପକ ପ୍ରଭୁଦତ୍ତ ବେହେରା, ଅଧ୍ୟାପିକା ତଥା ଜାତୀୟ ସେବା ଯୋଜନା ସଂଯୋଜିକା ପୁଷ୍ପାଞ୍ଜଳି ରବନା, ଜୟନ୍ତୀ ସାହୁ, ଗିରିଶବାଳା ନାୟକ, ସଂଗିତା ସେଠଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ସାମିଲ୍ ଥିଲେ।







## ପଶ୍ଚିମ ଓଡ଼ିଶା ବିଜେପି କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ବୈଠକ

**ସମ୍ବଲପୁର, ୬।୧ (ସମିସ):** ବିଜେପି କୃଷକ ମୋର୍ଚ୍ଚା ପଶ୍ଚିମ ଓଡ଼ିଶାର ୧୨ ଟି ଜିଲ୍ଲାର କାର୍ଯ୍ୟକର୍ତ୍ତା ମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ସମ୍ବଲପୁର ସହରସ୍ଥ ଓଡ଼ଶା ସାଂସ୍କୃତିକ ସମାଜ ଭବନ ଠାରେ ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜେପି ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ଅଭାବୀ ଧାନ ବିକ୍ରି ପ୍ରତିବାଦରେ ଆସନ୍ତା ଜାନୁଆରୀ ୧୨ ତାରିଖ ଦିନ ସମସ୍ତ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଚନ୍ଦ୍ର ଶେଖର ପଣ୍ଡା, ସୂର୍ଯ୍ୟ ନାରାୟଣ ମହାପାତ୍ର, ରାଜ୍ୟ ସଂପାଦକ ବିକ୍ରମ କେଶରୀ ରାଉତରାୟ, ମନୋଜ କୁମାର ସାହୁ ଓ ମହେନ୍ଦ୍ର କୁମାର ଠାକୁର, ଜିଲ୍ଲା ସଭାପତି ସମୀର ରଞ୍ଜନ ବାବୁ, କେଶରୀ ଦୁର୍ଗା, ଗୋବର୍ଦ୍ଧନ ସାହୁ, ମାଧବ ସଏ, ଶିବରାଜ ବେହେରା, ରବୀନ୍ଦ୍ର କୁମାର ଦେଓ, ଯଶୋବନ୍ତ ସେଠ, ରବୀନ୍ଦ୍ର କୁମାର ପଟେଲ, ରୁଗୁଂଟୁ ପ୍ରଧାନ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ସତ୍ୟବ୍ରତ ନାୟକ, ଜନାର୍ଦ୍ଦନ ପଣ୍ଡା, ରାଜା ପ୍ରସାଦ ସାହୁ, ଦେବେ ଦେବେ ସିଂହ ଦେଓ, ରତିଲାଲ ପ୍ରଧାନ, ରାଜ କିଶୋର ମେଣ୍ଡେଲୀ, ଅଶୋକ କୁମାର ପୃଷ୍ଟି, ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।



ସକାଳ THE SAKALA



# ମାର୍କେଟ ୟାର୍ଡରୁ ଉଠୁନି ଧାନ; ସିଏସ୍‌ଓଙ୍କୁ ଘେରିଲେ ଚାଷୀ

ବରଗଡ଼, ୬।୧(ସମିସ)

ଅମଳ ହେବାର ଦୀର୍ଘ ଦିନ ପରେ ଧାନ ବିକ୍ରି କରିପାରୁନାହାଁନ୍ତି ଚାଷୀ। ମାର୍କେଟ ୟାର୍ଡରେ ମାସ ମାସ ଧରି ପଡ଼ି ରହିଥିବା ବେଳେ ଚାଷୀ ଆଗାମୀ ଚାଷ ପାଇଁ ପ୍ରସ୍ତୁତି କରିପାରୁନାହାଁନ୍ତି। ଏପରି ସମସ୍ୟା ଭିତରେ ଗତି କରୁଛି ବରଗଡ଼ ଜିଲ୍ଲା ବରପାଲି ବ୍ଲକ ସତଲମା ଅଞ୍ଚଳର ଚାଷୀ। ଯାହାକୁ ନେଇ ମାର୍କେଟ ୟାର୍ଡରେ ପଡ଼ିରହିଥିବା ଧାନ ଶୀଘ୍ର ଉଠାଇବା ନେଇ ଶନିବାର ସତଲମା ଅଞ୍ଚଳର ବହୁ ଚାଷୀ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଘେରି ସମସ୍ୟାର ସମାଧାନ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ, ସତଲମା ମାର୍କେଟ ୟାର୍ଡ ଦୀର୍ଘ ଦିନରୁ ଖୋଲିଥିବା ସତ୍ତ୍ୱେ ଏ ଯାଏଁ ସେଠାରୁ ଠିକ୍ ଭାବରେ ଧାନ ସଂଗ୍ରହ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସତଲମା ମାର୍କେଟ ୟାର୍ଡରେ ଏବେ ସତଲମା, ବିଶିପାଲି, ହଲଦିପାଲି ଅଞ୍ଚଳର ବହୁ ଚାଷୀଙ୍କ ପାଖାପାଖି ୨୩ ହଜାର କ୍ୱିଣ୍ଟାଲ ଧାନ ପଡ଼ିରହିଛି। ସେହିପରି ମାର୍କେଟ ୟାର୍ଡରେ ସ୍ଥାନାଭାବ



ଯୋଗୁଁ ଚାଷୀ ନିଜର ଖଳା ତଥା ଘରେ ଧାନ ଗଚ୍ଛିତ ରଖିଛି। ତେବେ ସତଲମା ମାର୍କେଟ ୟାର୍ଡରେ ଠିକ୍ ଭାବରେ ଧାନ ଉଠି ପାରୁ ନ ଥିବା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ମିଳି ପାରି ନ ଥିଲା। ଯାହାକୁ ନେଇ ଶନିବାର ଅଞ୍ଚଳର ବହୁ ଚାଷୀ ସିସିଏସଓଙ୍କୁ ଘେରଉ କରି ଏହାର ସ୍ଥାୟୀ ସମାଧାନ ଦାବି କରିଥିଲେ। ଧାନ ବିକ୍ରି ହୋଇ ପାରୁ ନ ଥିବା ଯୋଗୁଁ ଚାଷୀମାନେ ପରବର୍ତି ଚାଷ ଆରମ୍ଭ କରି ମଧ ପାରୁନାହାନ୍ତି। ସମ୍ପୃକ୍ତ ମାର୍କେଟ ୟାର୍ଡରେ ଟ୍ୟାଗ ପାଇଥିବା ମିଲର୍ସ ଠିକ୍ ଭାବରେ ଧାନ ଉଠାଉ ନ ଥିବା ଚାଷୀମାନେ ଅଭିଯୋଗ କରିବା ସହ ଅନ୍ୟ ମିଲର୍ସଙ୍କୁ ଧାନ ଉଠାଇବାକୁ ନିର୍ଦ୍ଦେଶ ଦେବାକୁ ଚାଷୀମାନେ ସିସିଏସଓଙ୍କ ଠାରେ ଦାବି କରିଥିଲେ। ସତଲମା ମାର୍କେଟ ୟାର୍ଡରୁ ବର୍ତ୍ତମାନ ସୁଦ୍ଧା ପାଖାପାଖି ୨୬ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଥିବା ଏବଂ ଖୁବ୍‌ଶୀଘ୍ର ଅନ୍ୟ ସମସ୍ତ ଧାନ କିଣାଯିବ ବୋଲି ସିସିଏସଓ ରାଜକିଶୋର ପାଣିଗ୍ରାହୀ ଓ ଏସିଏସଓ ଦିବ୍ୟସିଂହ ବଡମାଲି ସୂଚନା ଦେଇଥିଲେ। କୁନାଲ ଭୋଇ, ଦୁଶମନ୍ତ ସାହୁ, ସୁଶୀଲ ସାହୁ, ସୁଶାନ୍ତ ଧରୁଆ, ଭବାନୀ ପାତ୍ର, କିଶୋର ଭୋଇ, ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଜୟ ସାହୁଙ୍କ ସମେତ ସତଲମା ମାର୍କେଟ ୟାର୍ଡ ଅଧିନରେ ଥିବା ବହୁ ଚାଷୀ ଉପସ୍ଥିତ ଥିଲେ।

# ତିନି ବର୍ଷ ପରେ ବି ଚାଷୀଙ୍କୁ ମିଳିନି ଧାନବିକ୍ରି ପ୍ରାପ୍ୟ

**ବରଗଡ଼, ୬।୧(ସମିସ):** ୨୦୨୦ ମସିହାରୁ ଚାଷୀମାନେ ଧାନ ବିକ୍ରି କରିଥିଲେ ସୁଦ୍ଧା ଏଯାଏଁ ସମ୍ପୃକ୍ତ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିପାରିନାହିଁ। ଏପରି ଏକ ଅଭିଯୋଗ ଆସିଛି ବରଗଡ଼ ଜିଲ୍ଲା ଅତାବିରା ଅଞ୍ଚଳରୁ। ଦୀର୍ଘ ତିନି ବର୍ଷ ରୁ ଉର୍ଦ୍ଧ୍ୱ ବିଭିନ୍ନ ସମୟ ବିତିଯାଇଥିଲେ ମଧ ଅତାବିରା ଅଞ୍ଚଳର ଛଅ ଜଣ ଚାଷୀ ଧାନ ବିକ୍ରି ପ୍ରାପ୍ୟ ଏ ପର୍ଯ୍ୟନ୍ତ ପାଇ ନାହାନ୍ତି। ଶନିବାର ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତ୍ତାମାନେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀଙ୍କୁ ଭେଟି ଯୋଗାଣ ବିଭାଗ ନେଇଥିବା ଧାନର ମୂଲ୍ୟ ପ୍ରଦାନ କରାଯାଉ ନଚେତ ସାତଦିନ ମଧରେ ଧାନ ଫେରସ୍ତ କରିବାକୁ ଦାବି କରିଛନ୍ତି। ନତୁବା ଜିଲ୍ଲା ଚାଷୀ ସଂଗଠନ ତରଫରୁ ଚାଷୀମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଗତ ୨୦୨୦ ରେ ଅତାବିରା ଅଞ୍ଚଳର ୭ ଜଣ ଚାଷୀ ଧାନ ବିକ୍ରି କରିଥିବା ବେଳେ ପ୍ରଶାସନିକ ତୃଟୀ ଯୋଗୁଁ ସମ୍ପୃକ୍ତ ଚାଷୀଙ୍କୁ ଏଯାଏଁ ପ୍ରାପ୍ୟ ମିଳି ପାରି ନ ଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧରୁ ଜଣେ ଚାଷୀ ଆଇନର ଆଶ୍ରୟ ନେଇଥିବା ଜଣାପଡ଼ିଛି। ତା ସତ୍ତ୍ୱେ



ମଧ ଚାଷୀମାନେ ସେମାନଙ୍କ ଧାନ ବିକ୍ରି ପ୍ରାପ୍ୟ ପାଇ ପାରି ନ ଥିବା ବେଳେ ଜିଲ୍ଲା ସଂଗଠନ ତରଫରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲ୍ଲା ଚାଷୀ ସଂଗଠନ ସଭାପତି ଅମୂଲ୍ୟ ପତି, କାର୍ଯ୍ୟକାରୀ ସଭାପତି ଜୟକୃଷ୍ଣ ସାହୁ, ବରିଷ୍ଠ ଚାଷୀ ଉପଦେଷ୍ଟା କିଶୋର ଦେବତା, କେଦାର ମିଶ୍ର, ରବୀନ୍ଦ୍ର ବିଶି, ଭୁପାଳ ବିଶି, ଆଦିତ୍ୟ ପଧାନ, ଏକାଦଶିଆ ସାହୁ, ହେମଚନ୍ଦ୍ର ପଧାନ, କେଶବ ପଧାନ, ମୁକେଶ କେଡ଼ିଆ, ସୁରେଶ ଚାନ୍ଦ, ବ୍ରଜ ସାହୁ, ସତ୍ୟବାନ ସାହୁ ମୋତିଲାଲ ପୋଢ଼, ନିରାକାର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଆଲୋଚନା ସମୟରେ ସାମିଲ ହୋଇଥିଲେ।

**ଧାନ ଫେରସ୍ତ କରିବାକୁ ଜିଲ୍ଲା ଚାଷୀ ସଂଗଠନର ଦାବି**

# ପାଇକମାଳ ହାଇସ୍କୁଲରେ ୨ୟ ପର୍ଯ୍ୟାୟ ମାନ ନିର୍ଦ୍ଧାରଣ ଶିବିର

**ପାଇକମାଳ, ୬।୧ (ସମିସ) :** ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ୨ୟ ପର୍ଯ୍ୟାୟ ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିରରେ ୧୫ଟି କ୍ଲଷ୍ଟରରେ ୧୫୩ ଜଣ ଶିକ୍ଷକଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ସିଏଚସି ମେଡିକାଲ ଅଫିସର ଡଃ ଶ୍ରୀଧର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏବିଇଓ ଧଳେନ୍ଦ୍ର କୁମାର ବାରିକ ପ୍ରଶିକ୍ଷଣର ଆବଶ୍ୟକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧନକର୍ମୀ ଡୋଳାମଣି ମାହାର, ବିକାଶ ସ୍ୱାଇଁ, ରଞ୍ଜନ ବାଗ, ବୈଷ୍ଣବ ପଣ୍ଡା, ଚକ୍ରଧର ଅଜଗର, ଲିଙ୍ଗେଶ୍ୱର ମୁଟକିଆ, ରାମନାଥ ବାଗ, ନିରାକାର ପ୍ରଧାନ, ସୁଶାନ୍ତ ବରିହା, ମାଧବ ସାହୁ, ସନ୍ତୋଷ ମେହେର ଓ ଟେକରାଜ ପଟେଲ ପ୍ରମୁଖ ପ୍ରଶିକ୍ଷଣ ଦେଉଛନ୍ତି। ସୁଶାନ୍ତ କୁମାର ସାହୁ ମଞ୍ଚାସୀନ ଥିଲେ। ତ୍ରିଲୋଚନ ନାଏକ ଶିବିର ପରିଚାଳନା କରିଥିଲେ ଓ ଏବିଇଓ ରାଧେଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




# ସୋହେଲାରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ



**ସୋହେଲା, ୬।୧(ସମିସ) :** ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ସୋହେଲାରେ ବରଗଡ଼ ଆଞ୍ଚଳିକ ପରିବହନ ବିଭାଗ, ସୋହେଲା ପୁଲିସ ଏବଂ ଜୀବନଜ୍ୟୋତି ସଂଗଠନର ମିଳିତ ଆନୁକୂଲ୍ୟରେ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇ ଯାଇଛି। ଏହି ଅବସରରେ ସ୍ଥାନୀୟ ଦୁର୍ଗା ମନ୍ଦିରରୁ ସୋହେଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ସୋହେଲା ବ୍ଲକ ଅଧକ୍ଷା ବବି ପଧାନ ଏବଂ ସୋହେଲା ଥାନା ଆଇଆଇସି ପ୍ରଣୟ ମୁର୍ମୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସମାଜସେବୀ ଅନିଲ ପଧାନଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ ପାଣିଗ୍ରାହୀ, ଟ୍ରାଫିକ ଇନ୍ସପେକ୍ଟର ଯୁଗଳ କିଶୋର ତିରିଆ, ସୋହେଲା ଥାନା ଆଇଆଇସି ପ୍ରଣୟ ମୁର୍ମୁ ସହକାରୀ ଶିକ୍ଷୟିତ୍ରୀ ସରସ୍ୱତୀ ମେହେର ପ୍ରମୁଖ ସର୍ବଦା ଟ୍ରାଫିକ ନିୟମ ପାଳନ କରି ବାହନ ଚଲାଇବା ପାଇଁ ପରାମର୍ଶ ଦେଇଥିଲେ। ସଭା ଶେଷରେ ବୁଲୁ ପରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବିରାଟ ଧନୁଯାତ୍ରା ମହୋତ୍ସବର ଷଷ୍ଠ ଦିବସ

**ଥୁଆପାଲି, ୬।୧(ସମିସ) :** ବରଗଡ଼ ଜିଲ୍ଲା ଥୁଆପାଲି ବିରାଟ ଧନୁଯାତ୍ରା ମହୋତ୍ସବର ଷଷ୍ଠ ଦିବସର ରାଜ ଦରବାରରେ ବିଜୁଳି କନ୍ୟା ଶୂନ୍ୟବାଣୀ ଶୁଣି ମହାରାଜ କଂସ ମର୍ମାହତ ହୋଇଥିଲେ। ଏହି ସମୟରେ ଦେବର୍ଷି ନାରଦ ପ୍ରବେଶ ଓ ନାରଦ ପରାମର୍ଶରେ ଗୋପପୁରକୁ ପୂତନା ପ୍ରେରଣ କରିଥିଲେ। କଂସ ଦରବାରରେ ସଂଯୋଜନା କରିଥିଲେ ଧନୁଯାତ୍ରା କମିଟି ର ମୁଖ୍ୟ ଅନିରୁଦ୍ଧ ସାହୁ, ଦରବାରରେ ଅତିଥି ଭାବରେ ଜୟ କିଷାନ ଆନ୍ଦୋଳନର ସଭାପତି ସୁଶିଲ ସାହୁ, ସାମ୍ବାଦିକ ବିଶ୍ୱ ସା। ମହାରାଜ କଂସ କଂର ଅତିଥିମାନଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହା ସହିତ ରେମଣ୍ଡା ର ରାବଣ ତଥା ଚଳଚ୍ଚିତ୍ର ଅଭିନେତା ଛବିଳ ପ୍ରଧାନ ଓ ବିଶିଷ୍ଟ କୃଷ୍ଣଗୁରୁ ଭଜନର ଗାୟକ ବୁଲୁ ଶତପଥୀଙ୍କୁ ରାଜ ଅତିଥି ଭାବେ ପୁଷ୍ପମାଲ୍ୟ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଗୋପପୁର ଠାରେ ମହାସମାରୋହରେ ନନ୍ଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନନ୍ଦରାଜା ଭୂମିକାରେ ପୂର୍ଣ୍ଣ ଯୁଆଡି, ନଂଦରାଣୀ ଧର୍ମପତ୍ନୀ ସତ୍ୟବତୀ ଯୁଆଡି, କୃଷ୍ଣ ଓ ବଳରାମ ସହିତ ଅନ୍ୟାନ୍ୟ କଳାକାର ମାନେ ଅଭିନୟ କରିଥିଲେ। ଏହି ଅବସରରେ ସଞ୍ଚାର ରୂପାପାଲିର ଚିନାମାଲି ଓ ସାଥୀ ପରିବେଷଣ କରିଥିଲେ। ଝରାପାଲି ଚାରଟିକରାର କୃଷ୍ଣ ଗୁରୁ ଭଜନ ପରିବେଷଣ ହୋଇଥିଲା।



# ରୋଟାରୀ ସ୍କୁଲରେ ପରୀକ୍ଷା ପ୍ରସ୍ତୁତି କର୍ମଶାଳା

**ବରଗଡ଼, ୬।୧ (ସମିସ) :** ସ୍ଥାନୀୟ ରୋଟାରୀ ସ୍କୁଲରେ ନବମ ଓ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଏକ ପରୀକ୍ଷା ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷ ଗଜେନ୍ଦ୍ର ନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକାଡେମିକ ଚେୟାରମ୍ୟାନ ରୋଟାରିଆନ ଗୋବିନ୍ଦ ଦାଶ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅର୍ନ୍ତଜାତୀୟ ମାନ୍ୟତା ପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ବିଶଦ ସୂଚନା ପ୍ରଦାନ କରିଥିଲେ। ପରୀକ୍ଷା ପାଇଁ ବର୍ଷ ଆରମ୍ଭରୁ ପ୍ରସ୍ତୁତି କଲେ ଶେଷ ସମୟରେ ଅଧିକ ପରିଶ୍ରମ କରିବାକୁ ପଡ଼ିବ ନାହିଁ ବୋଲି ସେ କହିଥିଲେ। ଏହାଛଡା ପରୀକ୍ଷା ସମୟରେ ମାନସିକ ଚାପରୁ ବାହାରି ସନ୍ତୁଳିତ ମସ୍ତିଷ୍କରେ କିପରି ଏହାକୁ ସାମନା କରିବାକୁ ପଡ଼ିବ ସେ ବିଷୟରେ ବିଭିନ୍ନ ସୋପାନରେ ସେ ନିଜର ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ନବମ ଓ ଏକାଦଶ ଛାତ୍ରଛାତ୍ରୀଙ୍କ ପାଇଁ ଆସନ୍ତା ୧୫ ମାସ ସେମାନେ କିପରି ନିଜକୁ ପ୍ରସ୍ତୁତ କରିବେ ସେ ବିଷୟରେ ବିଶଦ ସୂଚନା ପ୍ରଦାନ କରାଯାଇଥିଲା।



# ଚତୁର୍ଥ ଗୌରହରି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଗାଇସିଲେଟ, ୬।୧( ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଡାଲପାଲି ଗ୍ରାମପଞ୍ଚାୟତର ସେମେଲମୁଣ୍ଡା ଗ୍ରାମରେ ଚତୁର୍ଥ ଗୌରହରି ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାରଠାରୁ ଗ୍ରାମର ଡାଲଖାଇ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ସରପଞ୍ଚ ଉର୍ମିଳା ସେଠ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ବୁଲୁ ଦାଶ, ସୁଶାନ୍ତ ପଣ୍ଡା ଓ ଦୀପକ ପଧାନ ଯୋଗ ଦେଇ ଉଦ୍‌ଘାଟନୀ ମ୍ୟାଚ୍‌ର ଖେଳାଳୀମାନଙ୍କୁ ଉତ୍ସାହିତ କହିଥିଲେ। ପ୍ରଥମ ମ୍ୟାଚରେ ବନୁପାଲି ଦମକିପାଲି, ଗୁଠୁର୍ଲା ଏବଂ ଡାଙ୍ଗବାହାଲ, ପଦ୍ମପୁର ଏବଂ ପାଣ୍ଡେ ସାରା, ମୁଣ୍ଡାପାଲି ଏବଂ ଖଇରପାଲି ଟିମ୍ ମଧରେ ଖେଳ ହୋଇଥିବା ବେଳେ ବନୁପାଲି, ଗୁଠୁର୍ଲା, ପଦ୍ମମପୁର, ମୁଣ୍ଡାପାଲି ଟିମ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏମାନଙ୍କ ମଧରୁ ବନୁପାଲି ଏବଂ ମୁଣ୍ଡାପାଲି ସେମି ଫାଇନାଲରେ ପହଞ୍ଚିଛନ୍ତି। ମୋଟ ୧୬ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଉଥିବା ବେଳେ। ଟୁର୍ଣ୍ଣାମେଣ୍ଟର ବିଜେତା ଦଳକୁ ୧୦ ହଜାର ଟଙ୍କା ଓ ଟ୍ରଫି ଓ ପରାଜିତ ଟିମ୍‌କୁ ୬ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ।

# ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ



**ବରଗଡ଼, ୬।୧(ସମିସ) :** ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ବରଗଡ଼ ଭଟଲି ଛକ ଠାରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ବିଭାଗ ଏବଂ ପୁଲିସ ପ୍ରଶାସନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମରେ ବରଗଡ଼ ଆରଟିଓ ସାବୁଆ ମାଝି, ଏମଭିଆଇ ସୁଷମା ସାହୁ, ଟାଉନ ଥାନା ଅଧିକାରୀ ସତ୍ୟଜିତ କାଣ୍ଡେଲକର, ଟ୍ରାଁକ ଇନସପେକ୍ଟର ମଙ୍ଗଳ କିସକୋ ସମେତ ବିଭାଗୀୟ ଅଧିକାରୀ ସାମିଲ ହୋଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ବିଶେଷକରି ମୋଟର ସାଇକେଲ ଚାଳକ ହେଲମେଟ ପିନ୍ଧି ଗାଡି ଚଲାଇବା, କାର ଚାଳକ ସିଟ ବେଲ୍ଟ ଲଗାଇବା, ଦୁଇ ଚକିଆ ଯାନରେ ଦୁଇରୁ ଅଧିକ ଯାତ୍ରା ନ କରିବା ନେଇ ସଚେତନତା କରାଯାଇଥିଲା।

**ଗୋବିନ୍ଦପୁର ସ୍କୁଲ ଶତବାର୍ଷିକୀ ପାଳନର ଦ୍ୱିତୀୟ ଦିବସ**

# ‘ଛାତ୍ରଛାତ୍ରୀ ହେଉଛନ୍ତି ସ୍କୁଲର ସମ୍ପତ୍ତି’

ବରଗଡ଼, ୬।୧(ସମିସ)

ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଗର୍ବ କରେ। ଛାତ୍ରଛାତ୍ରୀଙ୍କ ବିନା ଭିତ୍ତିଭୂମି ଯେତେ ସୁଦୃଢ଼ ଥାଉନା କାହିଁକି ବିଦ୍ୟାଳୟ ଶୋଭା ପାଏନା। ତେଣୁ ପ୍ରତି ବିଦ୍ୟାଳୟର ଛାତ୍ରଛାତ୍ରୀ ହିଁ ସେହି ବିଦ୍ୟାଳୟର ସମ୍ପତ୍ତି ବୋଲି ଗୋବିନ୍ଦପୁର ସ୍କୁଲ ଶତବାର୍ଷିକୀ ସମାରୋହର ଦ୍ୱିତୀୟ ଦିବସରେ ଏହି ମତପ୍ରକାଶ ପାଇଛି। ପ୍ରଥମ ଅଧିବେଶନରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ଆଲୁମନି ସମାବେଶ ଅନୁଷ୍ଠିତ ହୋଇଥିଲା। ଶତବାର୍ଷିକୀ କମିଟିର ଅଧକ୍ଷ ପ୍ରଫୁଲ୍ଲ କୁମାର ନାଏକଙ୍କ ସଭାପତିତ୍ୱ ଏବଂ ପୁରାତନ ଛାତ୍ର ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟ ସହିତ ଜଡିତ ଥିବା ଏବଂ ବିଦ୍ୟାଳୟ ପାଇଁ ଭୂମିଦାନ କରିଥିବା ଭୂମିଦାତା ସ୍ୱର୍ଗତ ଗୋପୀନାଥ ଦାଶ, ପୂର୍ବତନ ଶିକ୍ଷକ ସୁଦର୍ଶନ ନାଏକ, କୈଳାସ ବିଶି ତଥା ସ୍ୱର୍ଗତ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ଶିକ୍ଷକ ନବୀନ କୁମାର ସାବତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଯୋଗ ଦେଇ ଗୋବିନ୍ଦପୁର ଗ୍ରାମବାସୀ ମାଟିକୁ ସମ୍ମାନ ଜଣାଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଏହି ମାଟିକୁ ପ୍ରଣାମ କରିଥିଲେ। ସେହିପରି ଅନ୍ୟତମ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତି କାନ୍ତ ସାହୁ, ରାଧାକାନ୍ତ ଛତ୍ରୀ, ବିଇଓ ସେବାଶ୍ରୀ ଭୋଇ, ଏଇ ମିଶନ ନିର୍ଦ୍ଦେଶକ ଯଶବୀର ସିଂ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ ବାଲ୍ମୀକି ଦାଶ ଭ୍‌କ ସମେତ ସମ୍ପାଦକ ନିତ୍ୟାନନ୍ଦ ନାଏକ, ସ୍କୁଲ ପରିଚାଳନା କମିଟି ଅ୍ମକ୍ଷ ସୀମାନ୍ତ ବିଶି ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ଶତବାର୍ଷିକୀ ପାଳନ ଅବସରରେ ଗ୍ରାମବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଛାତ୍ରଛାତ୍ରୀ ଯେପରି ଭଲ ପାଠ ପଢ଼ିବେ ଅଭିଭାବକମାନେ ଯତ୍ନଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ କ୍ରୀଡା ପ୍ରଶିକ୍ଷକ ଶିବ ପ୍ରସାଦ ମିଶ୍ର, ବରିଷ୍ଠ କ୍ରୀଡାବିଦ ସନ୍ତୋଷ ପ୍ରଧାନ, ଡାକ୍ତର ଶଙ୍କର ରାମଚନ୍ଦାନୀ, ଅଧାପକ ଗୋପାଳ କ୍ରିଷ୍ଣା ଦାଶ, ସଂଘମିତ୍ରା ପଟେଲ, ନିଷ୍ଠା ପରିବାର, ସାମ୍ବାଦିକ ବାଲାଜୀ ବିଭୂରଞ୍ଜନ ତରାସିଆ, ଟିକେଲାଲ୍ ତ୍ରିପାଠୀ, ପୂର୍ବତନ ପ୍ରଧାନଶିକ୍ଷକ ନବୀନ ସାବତ, ଅଙ୍ଗନୱାଡ଼ି କର୍ମୀ ଅରୁଣା ପ୍ରଧାନ, ଶଙ୍କର ପଟ୍ଟନାୟକ, ଯୁବ ନେତା ସାମାଜିକ କର୍ମୀ ପୁରନ୍ଦର ଭୋସାଗର ଅବସର ପ୍ରାପ୍ତ ସୈନିକ ଆଶିଷ ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ ହୋତା, ସୁରୁକୁନୁ ଦାସ, କୈଳାସ ଭୋଇ, କୁଳମଣି ଦାସ ପ୍ରମୁଖ ଙ୍କ ସମେତ ବିଭିନ୍ନ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୃତୀୟ ଅଧିବେଶରେ ନିଶା କବଳରେ ଯୁବ ସମାଜ ଶୀର୍ଷକ ଆଲୋଚନା ଚକ୍ର ରେ ଟ୍ରଷ୍ଟ ଫଣ୍ଡ କଲେଜ୍ ବରଗଡ଼ର ଅଧକ୍ଷ ଡ ସରୋଜ ଦେବତା ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ବିଚାର ପରିବର୍ତନ ହେଲେ ସମାଜ ପରିବର୍ତ୍ତନ ହେବ ବୋଲି ଉଲ୍ଲେଖ କରି ଯୁବଗୋଷ୍ଠୀକୁ ସକାରାତ୍ମକ ମନୋଭାବ ପୋଷଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଓଏଭି ଅଧକ୍ଷ କେଦାରନାଥ ଚୌଧୁରି, ପ୍ରଧାନଶିକ୍ଷକ ମଳୟ ବାରିକ, ଚକରକେନ୍ଦ କଲେଜ ଅଧକ୍ଷ କାର୍ତ୍ତିକ ସାଥୁଆ, ଆନନ୍ଦ ସାହୁ, ଅଶୋକ ସାହୁ, ରୋହିତ ଭୋଇ, ଶ୍ରୀବାସ ପ୍ରଧାନ, ପିଣ୍ଟୁ ଦାସ, ରଶ୍ମିରେଖା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ କଳାଜୀବି ଓ ନୁପୁର କଳା ପରିଷଦର କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ ହୋଇଥିଲା।






# ଅଙ୍ଗନଦୀ ପୋଲର ୮୦% କାମ ସରିଲା

**ପଦ୍ମପୁର, ୬ ।୧ (ସମିସ):** ଓଡ଼ିଶା ଇତିହାସରେ ବିକ୍ଷୁବ୍ଧାଞ୍ଚଳ ଭାବରେ ଚର୍ଚ୍ଚାର ପ୍ରସଙ୍ଗ ମଣ୍ଡନ କରିଥିବା ବରଗଡ଼ ଜିଲ୍ଲା ପାଇକମାଲ



ବ୍ଲକ ଚର୍ଦାପାଲି ଗ୍ରାମ ପଞ୍ଚାୟତବାସୀଙ୍କ ମନରେ ଅସୁମାରୀ ଆନନ୍ଦ। ଅନେକ ଝଡଝଞ୍ଜା ସଂଗ୍ରାମ ପରେ ସେମାନେ ଖୁସି ଅନୁଭବ କରୁଛନ୍ତି। ଓଡ଼ିଶା ଛତିଶଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଅଙ୍ଗନଦୀ ତା'ର ପ୍ରଭାବ ଦେଖାଇଥିଲା। ବର୍ଷାଋତୁରେ ରାସ୍ତା ବନ୍ଦ ରହୁଥିଲା। କାଠ ଡଙ୍ଗାରେ ଯାତାୟାତ କରୁଥିଲେ। ବଢ଼ିପାଣିରେ ଛାତ୍ରଛାତ୍ରୀ ବିଦ୍ୟାଳୟରୁ ନ ଫେରିବା ପର୍ଯ୍ୟନ୍ତ ବାପା ମାଁଙ୍କ ମନରେ ଅନେକ ଶଙ୍କା ରହୁଥିଲା। ୭ ଜାନୁୟାରୀ ୨୦୨୨ରେ ତଦକାଳୀନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ବିଧାୟକ ବିଜୟ ରଞ୍ଜନ ସିଂ ବରିହା ପୋଲ ନିର୍ମାଣ ପାଇଁ ଭୂମି ପୂଜନ କଲେ। ଦୀର୍ଘ ୧୦ ମାସ ପର୍ଯ୍ୟନ୍ତ କୌଣସି କାମ ହେଲା ନାହିଁ। ଲୋକମାନଙ୍କ ମନରେ ସନ୍ଦେହ ବଢ଼ିଗଲା। ହଠାତ ପଦ୍ମପୁର ଯୁବ କଣ୍ଟ୍ରାକ୍ଟର ଅମରଦୀପ ଅଗ୍ରୱାଲ ସଦଳବଳେ ଅକ୍ଟୋବର ୧୭ରୁ କ୍ୟାମ୍ପ କରି ନିର୍ମାଣକୁ ଆଗେଇ ନେଲେ।୨୨୭.୦୪ ମିଟର ଦୈର୍ଘ୍ୟ ଓ ୭.୫୦ ମିଟର ପ୍ରସ୍ଥ ପୋଲ ନିର୍ମାଣ ଖରା ବର୍ଷା ଶୀତରେ ଦିବାରାତ୍ର ଚାଲି ରହିଲା। ପିଲର ପରେ ପରେ ଗାର୍ଡର ଉଠିଲା। ବର୍ଷାରେ କ୍ରେନ ଯୋଗେ କେତେକ ଗାର୍ଡର ଉଠିବା ସମ୍ଭବ ହେଲା ନାହିଁ। ଯେତେ ଗାର୍ଡର ଉଠିଲା, ତା ଉପରେ ସ୍ଲାପ ପଡ଼ିଗଲା। ତେଣୁ ପୋଲ ନିର୍ମାଣ କାମ କେବେ ବନ୍ଦ ହୋଇ ନ ଥିଲା। ଚଳିତ ୬ ତାରିଖରେ ଶେଷ ଗାର୍ଡର ପୋଲ ଉପରକୁ ଉଠିଲା। ପୋଲ ନିର୍ମାଣ ସହ ଏପ୍ରୋଚ ରୋଡ, ସାଇଡ ୱାଲ, ସ୍ଲାପ ସମାନ୍ତରାଳ ଗତିରେ ଶେଷ ହେଉଛି। ମାତ୍ର ୩ଟି ସ୍ଲାପ ପରେ ପଥଚାରିମାନେ ପାଦଥାପି ପାରିବେ। ଭାରିଯାନବାହାନ ଉପରେ କିଛିମାସ କଟକଣା ରହିବ। ଅଞ୍ଚଳବାସୀ ତତ୍କାଳୀନ ମନ୍ତ୍ରୀ, ବିଧାୟକ, ସମ୍ପୃକ୍ତ ବିଧାୟକ, କଣ୍ଟ୍ରାକ୍ଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ବରଗଡ଼ ଜିଲ୍ଲା ଡ୍ରାଇଭର ମହାସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ

# ଗାଡ଼ି ଚଳାଚଳ ବନ୍ଦ ଯୋଗୁଁ ଜନଜୀବନ ପ୍ରଭାବିତ

**ବରଗଡ଼, ୬ ।୧ (ସମିସ)**

କେନ୍ଦ୍ର ସରକାରଙ୍କ ନୂତନ ମୋଟର ଆଇନ ବିଲ୍‌କୁ ବରଗଡ଼ ଜିଲ୍ଲା ଡ୍ରାଇଭର ମହାସଂଘ ପକ୍ଷରୁ ବିରୋଧ କରାଯାଇ ଅନିର୍ଦ୍ଦିଷ୍ଟ କାଳ ପାଇ ନିଜ ନିଜ କାର୍ଯ୍ୟରୁ ନିବୃତ ରହିଥିଲେ। କୌଣସି ବି ଗାଡ଼ି ଡ୍ରାଇଭର ଜାଣି ଶୁଣି ଦୁର୍ଘଟଣା ଘଟାଇ ନ ଥାଏ। ଆକସ୍ମିକ ଭାବେ ଦୁର୍ଘଟଣା ଘଟିଥାଏ ହେଲେ ସବୁ ଦୋଷ ବଡ ଗାଡ଼ି ଡ୍ରାଇଭର ଉପରେ ଦୋଷ ଲଦି ଦିଆଯାଏ। ଡ୍ରାଇଭର ମାନେ ନିଜ ନିଜ ପରିବାର ବହୁ ଦୁଃଖକଷ୍ଟରେ ଚଳାଉଛନ୍ତି। କରୋନା ମହାମାରୀ ସମୟରେ ନିଜ ନିଜର ଜୀବନକୁ ବାଜି ଲଗାଇ ଅନ୍ୟ ମାନକ ଜୀବନ ବଞ୍ଚାଇଛନ୍ତି। ଦିନ ରାତି ପରିଶ୍ରମ କରୁଛନ୍ତି ସବୁବେଳେ। କେନ୍ଦ୍ର ସରକାର କିଛି ନା କିଛି ସହାୟତା ଦେବା ବଦଳରେ ଯେଉଁ ଭଳି ଆଇନ କରିଛନ୍ତି ଆଉ ଗାଡ଼ି ଚଳାଇ ହେବ ନାହିଁ ବରଂ କୌଣସି ଅଲଗା କାମ କରି ପରିବାର ଚଳାଇବୁ ବୋଲି ବରଗଡ଼ ଜିଲ୍ଲା ଡ୍ରାଇଭର ମହାସଂଘ ସଭାପତି ନୀଳାମ୍ବର ସାହା କହିଛନ୍ତି। ଗତକାଲି ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଙ୍କୁ ଆନ୍ଦୋଳନ କରିବା ପୂର୍ବରୁ ଏକ ଦାବି ପତ୍ର ଦେଇଥିଲେ। କେନ୍ଦ୍ର ସରକାର ତୁରନ୍ତ ଏହି ଆଇନକୁ ପ୍ରତ୍ୟାହାର ନ କରନ୍ତି ତା ହେଲେ ଭୋଟ ମାଧ୍ୟମରେ ଉଚିତ୍ ଜବାବ ଦିଆଯିବ ବୋଲି ସମ୍ପାଦକ ସୁଧୀର ଦାଶ କହିଛନ୍ତି। ଆଜିର ଆନ୍ଦୋଳନ ଯୋଗୁଁ ବରଗଡ଼ ଜିଲ୍ଲାର ସମସ୍ତ ବେସରକାରୀ ବସ୍, ଚାରି ଚକିଆ ଯାନ ସବୁ ବନ୍ଦ୍ ରହିଥିଲା। ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରାଜ୍ୟ ପରିବହନ ସଚିବ ଅମିତାଭ ଠାକୁର ସନ୍ଧ୍ୟାରେ ଡ୍ରାଇଭର ଭାଇଙ୍କୁ ପ୍ରତିଶ୍ରୁତି ଦେବା ପରେ ଓଡ଼ିଶା ଡ୍ରାଇଭର ମହାସଂଘ ଆନ୍ଦୋଳନରୁ ନିବୃତ୍ତ ହୋଇଛନ୍ତି।

ପାଇକମାଳ(୬): ପାଇକମାଳ ଡ୍ରାଇଭର୍ ମହାସଂଘ ତରଫରୁ ଷ୍ଟିୟରିଙ୍ଗ ଛାଡ ଆନ୍ଦୋଳନ କରାଯାଇଥିଲା। ଶନିବାର କଲନୀପଡ଼ା ଠାରେ ମହାସଂଘର ସଭାପତି ଶଙ୍କର ସେଠ, ଉପ ସଭାପତି ଦେବାନ୍ଦ ସାହୁ, ସମ୍ପାଦକ ଅଜିତ ଦାସ, କୋଷାଧ୍ୟକ୍ଷ ରୋହିତ ଜାନୀ, ଦିଗାମ୍ବର ଷଣ୍ଡ, ନରେଶ କନ୍ଧେରେ, ବିଜୟ ବାଗ ପ୍ରମୁଖ ଡ୍ରାଇଭର ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ।

ଭେଡେନ (୮): ଓଡ଼ିଶା ଡ୍ରାଇବାର ମହାସଂଘ ଭେଡେନ ଶାଖା ପକ୍ଷରୁ ଭେଡେନ ବ୍ଲକର ସମସ୍ତ ଡ୍ରାଇବାର ଷ୍ଟିୟରିଙ୍ଗ ଛାଡି ଗୋଡ଼ଭଗା -ସୋନପୁର ରାସ୍ତାର ଗର୍ଭନା ପେଟ୍ରୋଲ ପମ୍ପ ନିକଟରେ ଧାରଣାରେ ବସିଥିଲେ। ସଭାପତି ଅଶୋକ କର୍ମୀଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ।




## ଜଙ୍ଗଲରୁ ବିପୁଳ ମହୁଲପୋଚ ଓ ଚୋରା ମଦ ଜବତ

**ଅମ୍ବାଭୋନା, ୬।୧ (ସମିସ) :** ବରଗଡ଼ ଜିଲ୍ଲା ଭଟଲି ବନାଞ୍ଚଳ ଅନ୍ତର୍ଗତ ଦ୍ୱାରୀ ବିଟର ଦ୍ୱାରୀ ଏବଂ କୁସମଡିହି ଜଙ୍ଗଲରେ ବନ ବିଭାଗ ଏବଂ ଅବକାରୀ ବିଭାଗ ମୋବାଇଲ ଟିମର ମିଳିତ ପାଟ୍ରୋଲିଂ ସମୟରେ ଜଙ୍ଗଲ ଭିତର ବିଭିନ୍ନ ସ୍ଥାନରେ ଚଢ଼ଉ କରି ପ୍ରାୟ ପାଞ୍ଚହଜାର ଦୁଇ ଶହ ଲିଟର ମହୁଲ ପୋଚ ଏବଂ ଚାରିଶହ ଲିଟର ଦେଶୀ ଚୋରା ମଦ ଜବତ କରିଥିବା ଜଣାପଡ଼ିଛି। ଏହି ଚଢ଼ାଉ ସମୟରେ ବରଗଡ଼, ଭଟଲି ଅବକାରୀ ମୋବାଇଲ ଟିମ ଓ ବନବିଭାଗ କର୍ମଚାରୀ ସାମିଲ ହୋଇଥିଲେ। ଭଟଲି, ଅବକାରୀ ବିଭାଗ ଓଆଇସି ଲକ୍ଷ୍ମୀଧର ମାଝୀ, ଦ୍ୱାରୀ ବନପାଳ ବିଷ୍ଣୁ ଚରଣ ବିଶ୍ୱାଳ, ଲିଜି ମହାପାତ୍ର, ପଦ୍ମନ ପଧାନ ବନରକ୍ଷୀ, ୱାଚର ମହେନ୍ଦ୍ର ବଢେଇ, ସନତ ନାୟକ, ସରୋଜ ବାରିକ, ଗୋବିନ୍ଦ କଠାର, ଜୀବର୍ଦ୍ଧନ ଜଗତ ପାଟ୍ରୋଲିଂ ଟିମରେ ସାମିଲ ହୋଇଥିଲେ ଥିଲେ।

## ନିଆଁଲାଗି ଜଳିଗଲା ଆସବାବପତ୍ର

**ଭେଡେନ, ୬।୧ /(ସମିସ):** ଭେଡେନ ବ୍ଲକ ଚିଚିଣ୍ଡା ଗ୍ରାମର ବସୁ ରାଉତିଆଙ୍କ ଘରେ ଶୁକ୍ରବାର ସନ୍ଧ୍ୟାରେ ଘରେ ବିଦ୍ୟୁତ ସଟସର୍କିଟ ଯୋଗୁଁ ନିଆଁ ଲାଗିବା ଯୋଗୁ ଘରେ ଥିବା ଟିଭି, ଖଟ, ପଙ୍ଖା, ଗଡ଼ରେଜ, ଡାଲି ଚାଉଳ ସହିତ ସମସ୍ତ ଲୁଗା ପଟା, ସୁନା ଗହଣା ଓ ନଗଦ ୫୦ ହଜାର ଟଙ୍କା ସହିତ ଘରର ସମସ୍ତ ସାମଗ୍ରୀ ସମ୍ପୂର୍ଣ୍ଣ ଜଳିଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଘରେ ନିଆଁ ଜଳୁଥିବାରୁ ପରିବାର ଲୋକେ ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଆସିଲା ବେଳକୁ ଘରେ ଥିବା ସବୁ ଜିନିଷ ପୋଡି ନଷ୍ଟ ହୋଇଯାଇଥିଲା। ବସୁ ର ଜମି ବାଡ଼ି ନଥିବାବେଳେ ସେ ତାଙ୍କ ସ୍ତ୍ରୀ ସହିତ କୁଲି ମଜୁରୀ କାମ କରି ନିଜ ୨ ଛୋଟ ଶିଶୁଙ୍କୁ ଭରଣପୋଷଣ କରୁଥିଲା। ହେଲେ ଘରେ ନିଆଁ ଲାଗିବା ଯୋଗୁଁ ଏବେ ଖୋଲା ଆକାଶ ତଳେ ରହୁଛନ୍ତି।

## ବିଭିନ୍ନ ଦାବି ନେଇ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସାକ୍ଷାତ

**ବରଗଡ଼, ୬ ।୧ (ସମିସ):** ବରଗଡ଼ ଜିଲ୍ଲାର ଗୋଡ଼ଭଗା ଛକ ହେଉଛି ଏକ ପ୍ରମୁଖ ଛକ। ଜାତୀୟ ରାଜପଥ ଉପରେ ଥିବାରୁ ଦିନ ରାତି ଏଠାରେ ଭିଡ ଲାଗି ରହୁଛି। ପ୍ରତିଦିନ ଅପରାଧିକ ମାମଲା ବଢୁଥିବା ବେଳେ ଦୁର୍ଘଟଣା ମାନ ଘଟୁଛି। ଏହାର ସମାଧାନ ପାଇଁ ମା ଦୁର୍ଗା କମିଟି ସଦସ୍ୟ ଜିଲ୍ଲାପାଳ ମନିଷା ବାନାର୍ଜୀ ଓ ଏସପି ପ୍ରହଲ୍ଲାଦ ମୀନା ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଦୀର୍ଘ ଦିନ ହେବ ଗୋଡଭଗା ଏକ ପୁଲିସ ଫାଣ୍ଡି ଅଛି ହେଲେ କୌଣସି କାମକୁ ନୁହଁ। ଜାତୀୟ ରାଜପଥ କଡ ରେ ଦୁଇ ଏକର ସରକାରୀ ଜାଗା ଅଛି ସେଠାରେ ଥାନା ନିର୍ମାଣ କଲେ ବହୁ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଦୃଷ୍ଟି ଆକର୍ଷଣ କରିଥିଲେ। ଅତାବିରା ସରକାରୀ ଡାକ୍ତରଖାନା ୨୦ ଟି ପଦବୀରୁ ଏବେ ମାତ୍ର ୪ ଜଣ ଅଛନ୍ତି। ସମସ୍ୟା ଭିତରେ ରହିଛି ସରକାରୀ ଡାକ୍ତରଖାନା। ମା ଦୁର୍ଗା କମିଟି ସଭାପତି କୁଳମଣି ପ୍ରଧାନ, ସାମ୍ବାଦିକ ସୁରେଶ ଦାଶ, ମଧୁସୁଦନ ଶର୍ମା, ରାମ କିଶନ ଅଗ୍ରୱାଲ, ଅନିରୁଦ୍ଧ ଖମାରୀ, ପ୍ରମୁଖ ଜିଲ୍ଲାପାଳ ଓ ଏସ୍ପିଙ୍କୁ ଦାବି ପତ୍ର ଦେଇ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ପଦ୍ମପୁର, ୬ ।୧ (ସମିସ):** ପଦ୍ମପୁର ମୁଖ୍ୟ ରାସ୍ତାରେ ଥିବା ଏଲଏନ ଗ୍ୟାସୋଲିନ ଓ ପଦ୍ମପୁର ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଗ୍ୟାସୋଲିନର ମାଲିକ ଆଦର୍ଶ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଆଦର୍ଶ ଥାନା ଅଧିକାରୀ ମମତା ନାଏକ, ସୁରେଶ ଅଗ୍ରୱାଲ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା ସରୋଜ ସେଠ, ସମାଜସେବୀ ନିରୋଜ ଦୋରା ଅତିଥି ଭାବରେ ଯୋଗଦାନ କରିଥିଲେ। ଶିକ୍ଷକ ଶେଷଦେବ ସାହୁ ସଡକ ସୁରକ୍ଷା ଓ ନିରାପତ୍ତା ସପ୍ତାହ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ଅତିଥିବୃନ୍ଦ ରାସ୍ତାରେ ଯାତାୟତ କରୁଥିବା ଯାନବାହାନର ଚାଳକଙ୍କୁ ନିରାପଦ ଯାତ୍ରା ପାଇଁ କେତେକ ପରାମର୍ଶ ଦେଇଥଲେ। ବିନା ହେଲମେଟରେ ଯାଉଥିବା ବାଇକ ଚାଳକଙ୍କୁ ହେଲମେଟ ପ୍ରଦାନ କରିଥିଲେ। ହେଲମେଟ ପିନ୍ଧି ବାଇକ ଚାଳକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ।

## ସୁବଳ ସାହୁ ଜାତୀୟସ୍ତରୀୟ ଫୁଟବଲ ଉଦ୍‌ଘାଟିତ

**ବରପାଲି, ୬ ।୧ (ସମିସ):** ବରପାଲି ଆଥଲେଟିକ ଆସୋସିଏସନ ପକ୍ଷରୁ ଆୟୋଜିତ ସପ୍ତ ଦିବସୀୟ ସୁବଳ ସାହୁ ସ୍ମୃତି ଜାତୀୟ ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ପରିଚାଳନା କମିଟି ଅଧ୍ୟକ୍ଷ ତଥା ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରିତା ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ



ହୋଇଥିଲା। ଅତିଥି ଭାବରେ ବରଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଏନଏସି ଅଧ୍ୟକ୍ଷ ଦିନେଶ ଗହିର, ବିଜେପୁର ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସୁଦାମ ସାହୁଙ୍କ ସମେତ ପରିଚାଳନା କମିଟି କର୍ମକର୍ତ୍ତା ମାନେ ମଞ୍ଚାସିନ ହୋଇଥିଲେ। ଅଶୋକ କୁମାର ପଣ୍ଡା ଓ ମଧୁ ମଙ୍ଗଳ ମିଶ୍ରଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଚାଲିଥିଲା। ଶନିବାର ଅପରାହ୍ନରେ ଉଦଘାଟନୀ ଉତ୍ସବ ସମାପନ ପରେ ଫାଓ ଓ ଏଆଇଏଫଏଫ ଅନୁବନ୍ଧିତ ପ୍ରଥମ ଖେଳ ଆର୍ଟିଲିରି ସେଣ୍ଟର୍ ହାଇଦ୍ରାବାଦ ଓ କୁଚିଣ୍ଡା ବିଏଫସି ଦଳ ମଧ୍ୟରେ ହୋଇଥିଲା। ହାଇଦ୍ରାବାଦ ଦୁଇ ଗୋଲରେ ଆଗୁଆ ରହିଥିଲା। ଖେଳ ପରିଚାଳକ ଭାବରେ କିଶନ ଦାଶ, ପ୍ରଶାନ୍ତ ବେହେରା, ଶଶିକାନ୍ତ ଦାସିଆ ଏବଂ ମନୋଜ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ଫୁଟବଲ ଖେଳାଳୀ ରାଘବ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା କାଲି ୭ତାରିଖ ରବିବାର ବସ୍ତର ବିହାରର ମାଁ କାମାକ୍ଷୀ ସ୍ପୋର୍ଟ୍ସ କ୍ଲବର ମୁକାବିଲା ଝାରଖଣ୍ଡ ସିକେପି ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## କଂସର ଦୌରାତ୍ମ୍ୟରେ ଦେବଗଣ ଥରହର

**ବରପାଲି, ୬ ।୧ (ସମିସ):** ବରପାଲି ବ୍ଲକ କେବାଡ ଧନୁଯାତ୍ରା ମହୋତ୍ସବ ଚତୁର୍ଥ ଦିବସରେ କଂସର ଦିଗବିଜୟ ପର୍ବର ଶୁଭାରମ୍ଭ ହୋଇଯାଇଛି। ମହୋତ୍ସବ ଚତୁର୍ଥ ସଂଧ୍ୟାରେ ମହାରାଜ କଂସ ଦରବାରରେ ନାରଦ ଆସି ଅଷ୍ଟମ ଗର୍ଭର ସନ୍ତାନ ତତେ ମାରିବ ବୋଲି କହିଥିଲେ। ବିଚଳିତ କଂସ ଦେବକୀଙ୍କ ଗର୍ଭରୁ ଜାତ ଅଷ୍ଟମ ପୁତ୍ରର ନିଧନ ପାଇଁ ପ୍ରସ୍ତୁତ ରହିଥିଲା। ମହାରାଜ କଂସର ଅତ୍ୟାଚାରରେ ଦେବକୁଳ ଥରହର ହୋଇଥିଲେ।



ଅପରପକ୍ଷେ ଶ୍ରୀକୃଷ୍ଣଙ୍କ ଜନ୍ମ ସହ ନନ୍ଦୋତ୍ସବ ଆରମ୍ଭ ହୋଇଥିଲା। କଂସ ଦ୍ୱାରା ପ୍ରେରଣ ହୋଇଥିବା ପୁତନା ରାକ୍ଷସି ମୃତ୍ୟୁ ବରଣ କରିଥିଲା। ପରେ ଅଷ୍ଟମଲଙ୍କ ସହିତ ବାଳକୃଷ୍ଣଙ୍କ ଯୁଦ୍ଧ ଆଧାରିତ ବିଷୟ ଉପରେ ନାଟିକା ମଞ୍ଚସ୍ଥ ହୋଇଥିଲା। ଆମନ୍ତ୍ରିତ ଅତିଥି ଭାବରେ ତିଲେଇମାଲ ସରପଞ୍ଚ ପ୍ରତିନିଧି ରାଧେଶ୍ୟାମ ମିଶ୍ର, ତିନକାନୀ ଦିପକ ଧନୁକା, ରକ୍ସା କେଶବ ରାଉତ, ଚିନାୟୁରୀ ରାଜକିଶୋର ସାହୁ, ବନ୍ଧପାଲି ଏକ୍କା ବୁଡେକଙ୍କ ସମେତ ଜିଲ୍ଲାପରିଷଦ ସଦସ୍ୟ ଅନନ୍ତ ସେଠ ପ୍ରମୁଖ ଯୋଗ ଦେଇଥିଲେ। ଆଜି ଗୋପପୁରରେ ବିଶେଷ ଆକର୍ଷଣ ଥିଲା ସଂକ୍ରିଡାର ବୈଷ୍ଣବୀ ପାରାୟଣ। ଗାୟିକା ସୁଶ୍ରୀ ବୈଷ୍ଣବୀ ପୁରୋହିତ ଓ ସାଥୀ ପାରାୟଣ ପରିବେଷଣ କରିଥିଲେ। ଏହି ଧନୁଯାତ୍ରା ମହୋତ୍ସବକୁ ପରିଚାଳନାରେ ଥୁଆପାଲିର ସ୍ୱେଚ୍ଛାସେବୀ, ଧନୁଯାତ୍ରା ମହୋତ୍ସବ କମିଟି ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ପଦ୍ମପୁର ଜିଲ୍ଲା ଗଠନର ପରବର୍ତ୍ତି ପଦକ୍ଷେପ

**ପଦ୍ମପୁର ୬ ।୧ (ସମିସ):** ପଦ୍ମପୁର ଜିଲ୍ଲା ଦାବି ନେଇ କ୍ରିୟାନୁଷ୍ଠାନ କମିଟି ସହ ଜନସାଧାରଣଙ୍କ ବୈଠକ ଓକିଲସଂଘ ସଭାପତି ସନ୍ତୋଷ ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମୁଖ୍ୟ ସଚେତକ ସତ୍ୟଭୂଷଣ ସାହୁ, ପୂର୍ବତନ ବିଧାୟକ ପ୍ରତିନିଧି ତଥା ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା, ଓକିଲ ସଂଘ ସମ୍ପାଦକ ଚିନ୍ମୟ ପଣ୍ଡା, ମନୋରଞ୍ଜନ ସିଂ ବରିହା, ରାଧାବଲ୍ଲଭ ପାଣିଗ୍ରାହୀ, ଗୌନ୍ତିଆ ସାହୁ ଓ ଅନ୍ୟ ସଦସ୍ୟ, ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଯୋଗଦାନ କରି ମତ ଦେଇଥିଲେ। ଦଳମତ ନିର୍ବିଶେଷରେ ଜିଲ୍ଲା ଗଠନକୁ ସମସ୍ତେ ସମର୍ଥନ କରିବାକୁ ବକ୍ତାମାନେ କହିଥିଲେ। ବିଧାୟିକା ବର୍ଷା ସିଂ ବରିହା ଜିଲ୍ଲା ଗଠନରେ ହାଇକୋର୍ଟ ନିର୍ଦ୍ଦେଶ ବାଧା ଦେଇଛି। ତଥାପି ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି। ମୁଖ୍ୟମନ୍ତ୍ରୀ କଥା ଦେଇଛନ୍ତି, ନିଶ୍ଚୟ ଜିଲ୍ଲା ଘୋଷଣା କରିବେ। ଉଚ୍ଚ ନ୍ୟାୟାଳୟ ଯୋଗୁଁ ବିଳମ୍ବ ହୋଇପାରେ।ଆମକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ବିଶ୍ୱାସ ରଖିବାକୁ ହେବ ବୋଲି କହିଥିଲେ। ପଦ୍ମପୁର ଜିଲ୍ଲା ଗଠନ ଦାବି ଆନ୍ଦୋଳନର ଦାୟିତ୍ୱ ବିଧାୟିକା ନିଅନ୍ତୁ ବୋଲି ଉପସ୍ଥିତ ସଦସ୍ୟମାନେ ଅନୁରୋଧ କରିଥିଲେ।



## କୁଶନପୁରୀରେ ଶ୍ରୀରାମ ପୂର୍ଣ୍ଣକୁମ୍ଭକୁ ସ୍ୱାଗତ

**ବରପାଲି, ୬।୧ (ସମିସ):** ବରପାଲି ବ୍ଲକ କୁଶନପୁରୀ ରାଧାକୃଷ୍ଣ ମନ୍ଦିର ପରିସରରେ ପଞ୍ଚାୟତ ବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ଦିଆଯାଇଛି। କୁଶନପୁରୀ ଗଁତିଆ ବିଦେଶି ରାଏଙ୍କ ନେତୃତ୍ୱରେ ବୈଷ୍ଣବାବଲମ୍ବୀ ଭକ୍ତ ଓ ଗ୍ରାମବାସୀ ବରପାଲି ଗହିରବନ୍ଧ ସିଦ୍ଧେଶ୍ୱର ଶିବ ମନ୍ଦିର ପରିସରରେ ପହଞ୍ଚିଥିଲେ। ଅଯୋଧ୍ୟା ରାମମନ୍ଦିରରୁ ଆସିଥିବା ପୂର୍ଣ୍ଣକୁମ୍ଭ ସମୁହ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ପଞ୍ଚାୟତବାସୀ ଅକ୍ଷତ କୁମ୍ଭ ଗ୍ରହଣ କରିଥିଲେ। ପରେ ସଂକୀର୍ତ୍ତନ, ବାଜାଗାଜା ମଧ୍ୟରେ ଶୋଭାଯାତ୍ରାରେ ବାହାରି କୁଶନପୁରୀ ଗ୍ରାମକୁ ଆଣିଥିଲେ। ପରେ ଗ୍ରାମରେ କୁମ୍ଭ ପରିକ୍ରମା ଉତ୍ସବ ପାଳିତ ହୋଇ ସ୍ଥାନିୟ ରାଧାକୃଷ୍ଣ ମନ୍ଦିରରେ ରଖାଯାଇଥିଲା। ପଣ୍ଡିତ ହାରାଧନ ଦାଶଙ୍କ ଦ୍ୱାରା କୁମ୍ଭକୁ ପୂଜାର୍ଚ୍ଚନା କରାଯିବା ସହ କୁମ୍ଭରେ ରହିଥିବା ଅକ୍ଷତ ଚାଉଳ ଭକ୍ତ ମାନଙ୍କ ମଧ୍ୟରେ ବିତରଣ କରାଯାଇଥିଲା। ଭକ୍ତମାନେ ଅକ୍ଷତ ଚାଉଳ ନିଜ ପୂଜା ଘରେ ରଖିବା ସହ ନିଜ ପକ୍ଷରୁ ପରିବାରର ଶୁଭ କାମନା କରି ଅପୂର୍ଣ୍ଣ ହୋଇଥିବା କଳସକୁ ଚାଉଳ ଭରଣ ମାଧ୍ୟମରେ ପୂରଣ କରିଥିଲେ।

## ୟୁକୋ ବ୍ୟାଙ୍କର ୮୨ତମ ପ୍ରତିଷ୍ଠା ଦିବସ

**ଭଟଲି, ୬।୧(ସମିସ) :** ଭଟଲିସ୍ଥିତ ୟୁକୋ ବ୍ୟାଙ୍କ ଶାଖାରେ ବ୍ୟାଙ୍କର ୮୨ ତମ ପ୍ରତିଷ୍ଠା ଦିବସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ୟୁକୋ ବ୍ୟାଙ୍କ ପ୍ରତିଷ୍ଠାତା ଘନଶ୍ୟାମ ଦାସ ବିର୍ଲାଙ୍କ ଛବିରେ ମାଲ୍ୟାର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବରିଷ୍ଠ ଶାଖା ପ୍ରବନ୍ଧକ ଅମିତ କୁମାର ମେହେର ଉପସ୍ଥିତ ଗ୍ରାହକ ଏବଂ କର୍ମଚାରୀ ମାନଙ୍କୁ ୟୁକୋ ବ୍ୟାଙ୍କର ସ୍ଥିତି ଏବଂ ଉତ୍ପତ୍ତି ଉପରେ ଆଲୋକପାତ କରିଥିବା ବେଳେ ଶାଖା ପ୍ରବନ୍ଧକ ଶିବ ପ୍ରସାଦ ଦର୍ଜି ବ୍ୟାଙ୍କର ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ପରିବାଖ୍ୟାଧିନ ଅଧିକାରୀ ପ୍ରଜ୍ଞାମୟୀ ପ୍ରଧାନ ଗ୍ରାହକ ସେବାର ଗୁରୁତ୍ୱ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। କୃଷିକ୍ଷେତ୍ର ଅଧିକାରୀ ବିଜୟଲକ୍ଷ୍ମୀ ଠାକୁର କୃଷି ଏବଂ ଗୋଷ୍ଠୀ ଋଣ ଉପରେ ସମ୍ୟକ ଧାରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିବାକର ମାଝୀ, ସନାତନ ସାହୁ, ହରମନ ମିଞ୍ଜ, ବ୍ୟାଙ୍କ ମିତ୍ର ସଞ୍ଜୀବ କୁମାର ସାହୁ, ମାଧବ ପ୍ରସାଦ ସାହୁ, ସୁଶାନ୍ତ ଭୋଇ, ଗୀତିକା ଭୋଇ, ଆଇନ ପରାମର୍ଶଦାତା ପ୍ରଭାକର ପଟେଲ, ଅମିତ ଜାଲଙ୍କ ସହିତ କାବ୍ୟା ରାଇସ ମିଲ ମାଲିକ ଶିବ କୁମାର ଅଗ୍ରୱାଲ, କ୍ରୀଷ୍ଣା ଫୁଏଲ ମାଲିକ ପ୍ରିୟଦତ୍ତ ପଣ୍ଡା, ଦୁଆନ ଟ୍ରେଡର୍ସ ମାଲିକ ସୁଶାନ୍ତ ଦୁଆନ ସମେତ ବହୁ ଗ୍ରାହକ ଉପସ୍ଥିତ ଥିଲେ।

## ଲୋଇସିଂହା ଶିକ୍ଷା ଅଧିକାରୀଙ୍କ ଶିକ୍ଷା ସାଧନ କେନ୍ଦ୍ର ପରିଦର୍ଶନ

**ପଦ୍ମପୁର, ୬।୧ (ସମିସ):** ବଲାଙ୍ଗିର ଜିଲ୍ଲା ବେହେରା ଗ୍ରାମସ୍ଥିତ ସହ ଶିକ୍ଷା ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିମତି ତ୍ରିପାଠୀ, ବ୍ୟାସଦେବ ରାୟ ଲୋଇସିଂହା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନାକୁମାରୀ, ବିଆରପି ବିଶ୍ୱବନ୍ଦିତା ମହାପାତ୍ର ଓ କର୍ମଚାରୀଙ୍କ ସମେତ ୧୫୦ ଜଣ ଦିବ୍ୟାଙ୍ଗ, ଅଭିଭାବକ ରାଜବୋଡାସମ୍ବର ବ୍ଲକ ଗୋଷ୍ଠୀ ସାଧନ କେନ୍ଦ୍ର କାର୍ଯ୍ୟାଳୟକୁ ପରିଭ୍ରମଣରେ ଆସିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଥିଲେ। ସାଧନ କେନ୍ଦ୍ର କାର୍ଯ୍ୟାଳୟରେ ବିଆରପି ଭଗବାନ ତରିଆ, ପ୍ରଭାତ ସାହୁ ବିଭିନ୍ନ ସହାୟକ ଉପକରଣ, ଯନ୍ତ୍ରାଂଶ ଗୁଡ଼ିକର କାର୍ଯ୍ୟ ଓ ତା'ର ଉପାଦେୟତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ବଲାଙ୍ଗିରଠାରୁ ପରିଦର୍ଶନରେ ଆସିଥିବାରୁ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଆନନ୍ଦ ଦେଖାଯାଇଥିଲା। ସମସ୍ତ ଆଇଭି ସହଯୋଗ କରିଥିଲେ।

## ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ 'ସୃଜନୀ ମେଳା'

**ପାଇକମାଳ, ୬ ।୧ (ସମିସ) :** ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପାଇକମାଳରେ ସୃଜନୀ ମେଳା ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଆକର୍ଷଣ ଥିଲା ପିଲା ମାନଙ୍କ ଦ୍ୱାରା ତିଆରି, ପୁରା, ଢେକି, ଶିକା, ଶଗଡ଼ ଗାଡି, ରାମ ମନ୍ଦିର, ଚିନା ବାଦାମ ରେ ତିଆରି ଗଣେଶ ମୂର୍ତ୍ତି। ଏହି ମେଳା ରେ ଛାତ୍ରୀ ମାନଙ୍କ ଦ୍ୱାରା ୮୮ ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା ଓ କୃତି ଛାତ୍ରୀ ଙ୍କ ସହିତ ସମସ୍ତ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇ ଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଚୂଡ଼ାମଣୀ ବାରିକ ବ୍ଲକ ଶିକ୍ଷା ଅଧିକାରୀ ପାଇକମାଳ, ସମ୍ମାନିତ ଅତିଥି ଭାବେ ମୋହିନୀ ଦଳପତି ନୃସିଂହନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମୁଖ୍ୟବକ୍ତା ଭାବେ ରଞ୍ଜିତା ମହାନ୍ତି ଅଧ୍ୟାପିକା ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇକମାଳ, ନିରୁପମା ନାଗ ସମିତି ସଭ୍ୟା ପାଇକମାଳ, ଛେତଗାଁ ହାଇସ୍କୁଲର ସଂସ୍କୃତ ଶିକ୍ଷକ ଲିଙ୍ଗରାଜ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭକ୍ତଚରଣ ସାହୁ ଅବସର ପ୍ରାପ୍ତ ଶିକ୍ଷକ ଏବଂ ଖଗେଶ୍ୱର ଦ୍ୱାରି ଯୋଗ ଦେଇ ଥିଲେ। ଶିକ୍ଷକ ସେବକ ସେଠ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ଅନିମା ରାଉତ 'ସୃଜନୀ ମେଳା'ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସଙ୍ଗୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବନଚର୍ଯ୍ୟା ପାଇଁ ଚର୍ଚ୍ଚାରେ ଖଇରା ଗାଁ

**ଝାରବନ୍ଧ, ୬ ।୧(ସମିସ)**

ବରଗଡ଼ ଜିଲ୍ଲା ପାଇକମାଳ ପଞ୍ଚାୟତ ସମିତି ପଲସଦା ଗ୍ରାମ ପଞ୍ଚାୟତ ଖଇରା ଗ୍ରାମ କେତେକ ବିଭିନ୍ନତାକୁ ନେଇ ଆଲୋଚନାର କେନ୍ଦ୍ର ହୋଇଥାଏ। ଗ୍ରାମବାସୀଙ୍କ ଗ୍ରାମ୍ୟଦେବୀ ପ୍ରତି ଅତୁଟ ବିଶ୍ୱାସ ରହିଛି। ପୁରୁଣା ପରମ୍ପରାକୁ ଭୁଲି ନାହାନ୍ତି। ଗ୍ରାମ୍ୟଦେବୀ କାଳେ ରାଗ ହୋଇ ଗ୍ରାମର କ୍ଷତି କରିବେ, ତେଣୁ ମର୍ହି ପରିବାରର କୌଣସି ବିବାହିତା ମହିଳା ଶଙ୍ଖା ପିନ୍ଧନ୍ତି ନାହିଁ। ଗାଁରେ ଧାନରୁ ଚାଉଳ କରିବା ପାଇଁ ଢିଙ୍କିର ଶବ୍ଦ ଶୁଣିବାକୁ ମିଳେ ନାହିଁ। କୌଣସି ଘରେ ଢ଼ିଙ୍କି ନାହିଁ। ଖଇରାବାସୀ ଖୋଲା କୂଅରୁ ପାଣି ବ୍ୟବହାର କରୁଛନ୍ତି। ପ୍ରାୟ ଏକହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗ୍ରାମରେ ୨୪୨ରୁ ଅଧିକ ପରିବାର ରହୁଛନ୍ତି। ତିନୋଟି ନଳକୂପ ରହିଛି। ନଳକୁପରୁ ଠିକ ଭାବରେ ପାଣି ବାହାରୁ ନାହିଁ। କମ ପାଣି ବାହାରୁଥିଲେ ସୁଦ୍ଧା ପାଣିରେ ମଧୁରତା ନାହିଁ ବୋଲି ମହିଳାମାନେ କୁହନ୍ତି। ଗ୍ରାମର ପଶ୍ଚିମ ଓ ଉତ୍ତରରେ ଦୁଇଟି ଖୋଲା କୂଅ ଅଛି। ସେଥିରୁ ପାଣି ନେଇ ସମସ୍ତେ ବ୍ୟବହାର କରିଥାନ୍ତି। କୂଅର ପାଣି ସ୍ୱଚ୍ଛ କାଚକେନ୍ଦୁ ପରି ଦେଖାଯାଉଛି। କିନ୍ତୁ ଏହା ସତ୍ୟ ଯେ, ଗ୍ରାମରେ ଯାହା କଟକଣା ରହୁଛି ସମସ୍ତେ ମାନିବାକୁ ବାଧ୍ୟ ହେଉଛନ୍ତି। ଉତ୍ତର ଦିଗ ଖୋଲା କୂଅ ପାଖରେ ଏକ ସୂଚନା ଫଳକ ରହିଛି। ସେଥିରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ, କୂଅ ଚାନ୍ଦନୀ ଉପରକୁ ଜୋତା ଚପଲ ପିନ୍ଧିଯିବା ମନା, ସାବୁନ, ଦାନ୍ତ ଘଷିବା, ଗୁଡାଖୁ ଘଷିବା, ଛେପ ପକାଇବା ମନା, ମଣ୍ଡ ବାଳ ମୁକୁଳା କରି, ଓଦାବସ୍ତ୍ର ପିନ୍ଧି କୂଅରୁ ପାଣି ଆଣିବାକୁ ନିଷେଧ କରାଯାଇଛି। ନଳକୂପ ଗୁଡିକରୁ ପାଣି ବାହାରୁ ନ ଥିବା ସ୍ଥଳେ ବର୍ତ୍ତମାନ ସମୟରେ ମହିଳାମାନେ ଖୋଲା କୂଅରୁ ଅକ୍ଲେଶରେ ପାଣି ବୋହି ଆଣିବା ବିଚାରଯୋଗ୍ୟ। ବହୁ ଚର୍ଚ୍ଚିତ ଖଇରା ଗ୍ରାମର ଜୀବନଚର୍ଯ୍ୟା କାହାଣୀ ପରି ବୋଲି ଚର୍ଚ୍ଚା ହେଉଛି।



## ଜମଲା ଡିଗ୍ରୀ କଲେଜର ଏନ୍‌ଏସଏସ ଶିବିର

**ପଦ୍ମପୁର ୬ ।୧ (ସମିସ):** ପଦ୍ମପୁର ଉପଖଣ୍ଡ ଜମଲା ଡିଗ୍ରୀ ମହାବିଦ୍ୟାଳୟ ଏନଏସଏସ ୟୁନିଟ ପକ୍ଷରୁ ଢୋଲବନ୍ଧ ଗ୍ରାମରେ ଏକ ଜାତୀୟ ସେବା ଯୋଜନା ଶିବିର ଅନୁଷ୍ଠିତ ହୋଇଛି। ପ୍ରଥମେ ଉକ୍ତ ଗ୍ରାମରେ ଅଧ୍ୟକ୍ଷ ସ୍ୱାଧିନ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଏକ ସଚେତନ ସଭା ହୋଇଥିଲା। ପୋଗ୍ରାମ ଅଫିସର ଆଶୀଷ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ସଡକ ନିରାପତ୍ତା ସଚେତନ କରାଯାଇଥିଲା। ପ୍ରାୟ ୫୦ଜଣ ସ୍ୱେଚ୍ଛାସେବୀ ସଡକରେ ଯାତାୟାତ କରୁଥିବା ଯାନବାହାନ ଚାଳକଙ୍କୁ ଦ୍ରୁତ ଗତି, ନିଶା ସେବନ ନ କରିବାକୁ ସଚେତନ କରିଥିଲେ। ବାଇକ ଚାଳକମାନେ ହେଲମେଟ ପିନ୍ଧିବାକୁ ଆହ୍ୱାନ କରିଥିଲେ। ଅଧ୍ୟାପକ ପୌଲସ୍ତ୍ୟ ସାହା, ଅଧ୍ୟାପିକା ସୁରେଖା ଭୁଏ ଓ ଅନ୍ୟମାନେ ସହଯୋଗ କରିଥିଲେ।



ସକାଳ THE SAKALA



‘ଓ-ଟି’ ବିଦ୍ୟାଳୟ କୋଠାରେ ଚାଲିଛି କେନ୍ଦ୍ରୀୟ ବିଦ୍ୟାଳୟ

# ୧୪ ବର୍ଷ ପରେ ବି ନିର୍ମାଣ ହୋଇ ପାରିନି ନିଜସ୍ୱ କୋଠା

ଦେବଗଡ଼, ୬ ।୧(ସମିସ)



ପଶ୍ଚିମ ଓଡ଼ିଶାର ଦେବଗଡ଼ ଜିଲ୍ଲାରେ ଶିକ୍ଷାର ବିକାଶ ଉଦ୍ଦେଶ୍ୟରେ ୨୦୧୦ ମସିହାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ପ୍ରାରମ୍ଭିକ ଅବସ୍ଥାରେ କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ପର୍ଯ୍ୟନ୍ତ ସରକାରୀ ଉଚ୍ଚବାଳିକା ବିଦ୍ୟାଳୟ ପରିସରରେ ବାଳିକା ବିଦ୍ୟାଳୟର ଛାତ୍ରୀନିବାସ କୋଠା ଏବଂ ଅନ୍ୟ କେତେକ ଶ୍ରେଣୀରେ ଏହି ବିଦ୍ୟାଳୟ ଆରମ୍ଭ କରାଯାଇଥିଲା। ପ୍ରଥମରୁ ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟରେ ଶିକ୍ଷାଦାନ ଚାଲୁଥିଲେ ମଧ୍ୟ ସ୍ଥାନାଭାବ କାରଣରୁ ପ୍ରତି ଶ୍ରେଣୀରେ ୮୦ ଛାତ୍ରଛାତ୍ରୀ ବଦଳରେ ୪୦ ଛାତ୍ରଛାତ୍ରୀ ପଢ଼ିବାର ସୁଯୋଗ ପାଉଥିବା ବେଳେ ୪୦ ଆସନରେ ନାମ ଲେଖା ସମ୍ଭବ ହୋଇ ପାରୁନାହିଁ। କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କୋଠାରେ ଶୈକ୍ଷଣୀୟ ଭିତ୍ତିଭୂମିର ଘୋର ଅଭାବ ସାଙ୍ଗକୁ ବିଜ୍ଞାନାଗାର, ଖେଳ ପଡ଼ିଆ, ଶୌଚାଳୟ, ସାଇକଲ ଷ୍ଟାଣ୍ଡ ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ଛାତ୍ରଛାତ୍ରୀ। କେନ୍ଦ୍ରୀୟ ବିଦ୍ୟାଳୟର ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଜନସାଧାରଣଙ୍କ ଦାବିକୁ ସମ୍ମାନ ଜଣାଇ କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ପାଇଁ ରାଜ୍ୟ ସରକାର ଦେବଗଡ଼ ତହସିଲ ଅନ୍ତର୍ଗତ ନୂଆ ବାଲିରୋଇ ମୌଜାରେ ଗତ ୨୦୧୭ ମସିହାରେ ୧୦ ଏକର ଜମି ପ୍ରଦାନ ସହ ବିଦ୍ୟାଳୟକୁ ସ୍ଥାୟୀ ଜମି ପଟ୍ଟା ମଧ୍ୟ ପ୍ରଦାନ କଲେ। ମାତ୍ର ବିଡମ୍ବନାର ବିଷୟ ଜିଲ୍ଲା ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ପଟ୍ଟା ପ୍ରଦାନର ୭ ବର୍ଷ ପରେ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ ହୋଇପାରି ନାହିଁ। କେନ୍ଦ୍ରୀୟ ବିଦ୍ୟାଳୟରସ୍ଥିତି ନେଇ ଅଭିଭାବକ, ବୁଦ୍ଧିଜୀବୀ ଓ ଜନସାଧାରଣ ବିଭିନ୍ନ ସମୟରେ ସାଂସଦଙ୍କ ଠାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜି ଯାଏଁ ଏହାର କୌଣସି ସୁଫଳ ମିଳିପାରି ନାହିଁ।

# ମହିମା ଆଶ୍ରମରେ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ

**ଝାରସୁଗୁଡ଼ା, ୬।୧(ସମିସ):** ବାରିକଡେରା ମହିମା ଆଶ୍ରମରେ ସନ୍ଧ୍ୟା ସମୟରେ ଶୁଭ କଳସ ଯାତ୍ରା ସହ ବିଶ୍ୱଶାନ୍ତି ମହାଯଜ୍ଞ ବ୍ରହ୍ମାବଧୁତ ବୀରେନ୍ଦ୍ର କୁମାର ବାବାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଆଳତି, ସୋଲପାଲି ଭଜନ ଦଳ ଦ୍ୱାରା ଅହୋରାତ୍ର ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟାନ୍ୟ ସାଧୁସନ୍ଥଙ୍କ ମଧ୍ୟରେ ବୈକୁଣ୍ଠ ଦାସ, ବୈଷ୍ଣବ ଚରଣ ଦାସ, ଚିତ୍ରସେନ ଦାସ, ଦୟାନିଧି ଦାସ, ଅମୃତାନନ୍ଦ ଦାସ, ବାଦଲ ଦାସ, ଅଭୟ ଦାସ, ହରିହର ଦାସ, ନେପାଳ ଦାସ ଓ ବୈରାଗୀ ମହେନ୍ଦ୍ର ତ୍ୟାଗୀ, ହରିହର ତ୍ୟାଗୀ, ଭରତ ତ୍ୟାଗୀ, ସଚିତା ତ୍ୟାଗୀ ଯୋଗଦେଇ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ବ୍ରହ୍ମଯଜ୍ଞରେ ଘୃତାହୁତି ଦେଇଥିଲେ। ଦ୍ୱିତୀୟ ଦିବସ ମଧ୍ୟାହ୍ନ ସମୟରେ ବୀରେନ୍ଦ୍ର ବାବାଙ୍କ ଦ୍ୱାରା ପୂର୍ଣ୍ଣାହୁତି ପୂର୍ବକ ସମାପନ ହୋଇଥିଲା। ଏତିସହ ସ୍ଥାନୀୟ ମହିମା ଆଶ୍ରମର ଯଜ୍ଞ ପାଇଁ ଏକ ସ୍ଥାୟୀ ଦିନାଙ୍କ ସ୍ଥିରୀକୃତ କରିଥିଲେ। ଆସନ୍ତା ବର୍ଷ ଠାରୁ ପ୍ରତ୍ୟେକ ଜାନୁଆରୀ ମାସର ୭, ୮ ଓ ୯ ତାରିଖରେ ବାବାଯଜ୍ଞ ଅନୁଷ୍ଠିତ ହେବ। ଏଥିରେ ବହୁ ମହିମା ଧର୍ମୀ ଶ୍ରଦ୍ଧାଳୁମାନେ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ଏଥିରେ ଉମେଶ ଚନ୍ଦ୍ର ବାରିକ, ଗିରିଶ ଚନ୍ଦ୍ର ବାରିକ, ଶ୍ରୀକାନ୍ତ ବାରିକ, ନରେଶ ବାରିକ ଟଙ୍କଧର ବାରିକ ପ୍ରମୁଖ ତଥା ଗ୍ରାମବାସୀ ଓ ଅଞ୍ଚଳ ବାସୀଙ୍କ ସହଯୋଗରେ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ସଫଳତାର ସହ ଶେଷ ହୋଇଥିଲା।



# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବ୍ରଜରାଜନଗର, ୬।୧(ସମିସ):** ବ୍ରଜରାଜନଗର ଲମଟିବାହାଲସ୍ଥିତ ଏକ ଦୋକାନ ଗୃହରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସୂଚନାନୁଯାୟୀ, ମୃତ ଯୁବକ ଜଣକ ହରିଓମ୍ ବିହାର ଅଞ୍ଚଳର ତରୁଣ ବସାକ (୩୦)। ସେ ଲମଟିବାହାଲ ଠାରେ ଏକ ଲେଦର ଦୋକାନ କରିଥିଲେ। ଶନିବାର ଦିନ କୌଣସି କାରଣରୁ ଦୋକାନ ଗୃହରେ ଥିବା ଏକ ହୁକରେ ଓଢ଼ଣୀଦେଇ ଝୁଲିପଡ଼ିଥିଲେ। ଏନେଇ ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ମଣ୍ଡଳିଆ କେନ୍ଦ୍ରୀୟ ହସ୍ପିଟାଲକୁ ପଠାଇଛି। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି। ଗତ ନଭେମ୍ବର ମାସରେ ସେ ବିବାହ କରିଥିଲେ। ମୃତକଙ୍କ ପରିବାରରେ ତାଙ୍କର ମାଆ, ସ୍ତ୍ରୀ ଓ ଭାଇ ଭାଉଜ ରହିଛନ୍ତି।

# ‘ଜେଜେବାପା ଓ ଜେଜେମା’ ସମ୍ମିଳନୀ

**ଦେବଗଡ଼, ୬।୧(ସମିସ):** ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଜେଜେ ବାପା ଓ ଜେଜେ ମା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତା ଓ ଗୀତା ଗୁରୁମାଙ୍କ ପରିଚାଳନାରେ ଅନୁଷ୍ଠିତ ବନବିଭାଗ କର୍ମଚାରୀ ପଦ୍ମଲୋଚନ ଶତପଥୀ ଓ ମହାଦେବ ଦେହୁରୀ ଯୋଗଦେଇ ଏହି ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବରିଷ୍ଠ ଗୁରୁଜୀ ବାଂଛାନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବସାଲଇ ଉଚ୍ଚବିଦ୍ୟାଳୟର ବାର୍ଷୀକ କ୍ରୀଡ଼ା ଉତ୍ସବ (୧୫୨)

**ଦେବଗଡ଼, ୬।୧(ସମିସ):** ବାରକୋଟ୍ ବ୍ଲକ ବସାଲଇ ଉଚ୍ଚବିଦ୍ୟାଳୟର ବାର୍ଷୀକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାଶରଥୀ ପ୍ରଧାନଙ୍କ ସଭାପତିତ୍ୱ ଓ ଶିକ୍ଷକ ରଞ୍ଜନ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ‘ମୋ ସ୍କୁଲ ଅଭିଯାନ’ର ସଭାପତି କ୍ଷୀରସିନ୍ଧୁ ବେହେରା ଯୋଗଦେଇ ଛାତ୍ର ମାନଙ୍କୁ ନେଇ ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ କରିବାସହ କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ସାମଲ ଯୋଗଦେଇ ଥିଲେ। କ୍ରୀଡ଼ା ଶିକ୍ଷକ ମାନସ କୁମାର ଦାଶ ଓ ପୁରୁଷୋତ୍ତମ ସ୍ୱାଇଁ ପରିଚାଳନା କରିଥିବାବେଳେ ଆୟୋଜନରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ‘ନୂଆ-ଓ’ ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କି

**ଝାରସୁଗୁଡ଼ା, ୬।୧ (ସମିସ):** ଝାରସୁଗୁଡ଼ା ଜିଲ୍ଲା ପକ୍ଷରୁ ‘ନୂଆ-ଓ’, କ୍ରୀଡ଼ା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଷ୍ଟାରଗେଷ୍ଟ ଭାବରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ ଯୋଗଦେବେ। ଫାଇନାଲ ପ୍ରତିଯୋଗିତା ଚଳିତ ମାସ ୯ ତାରିଖ ଓ ୧୦ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ହକଟାପାଲି ଠାରେ ଥିବା ନୂତନ ହକି ଷ୍ଟାଡିୟମ ସମ୍ମୁଖ ପଡ଼ିଆରେ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଝାରସୁଗୁଡା ଜିଲ୍ଲାର ୫ଟି ବ୍ଲକ ଓ ୩ଟି ପୌର ପରିଷଦର ସବୁ ଖେଳର ୮ଟି ପୁରୁଷ ଏବଂ ମହିଳା ଦଳ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଝାରସୁଗୁଡା ବିଧାୟିକା ଦୀପାଳୀ ଦାସ ଯୋଗଦେଉଥିବା ଜଣାଯାଇଛି। ଝାରସୁଗୁଡା ଜିଲ୍ଲା କ୍ରୀଡ଼ା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କ୍ରୀଡା ଅନୁଷ୍ଠାନ ଗୁଡ଼ିକ ମାଧ୍ୟମରେ ପଦକ୍ଷେପ ନିଆଯାଉଛି।



# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଦେବଗଡ଼, ୬।୧(ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ଦେବଗଡ଼ ଥାନା କଳାମାଟି ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଜରେଇକେଲା ଗ୍ରାମର ନବୀନ ଶଗଡ଼ିଆଙ୍କ ପୁଅ ବିଜୟ ଶଗଡ଼ିଆ(୨୮) ବୋଲି ଜଣାପଡ଼ିଛି। ବିଜୟ ଶୁକ୍ରବାର ରାତିରେ ଏକ ବାଇକ୍ ରେ କେଉଁଆଡେ ଯାଉଥିବା ସମୟରେ କଳାମାଟି ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ରାତି ପ୍ରାୟ ୩ ଟା ସମୟରେ ପାଟ୍ରୋଲିଂ କରୁଥିବା ପୁଲିସ ରାସ୍ତା କଡ଼ରେ ବିଜୟଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇ ଉଦ୍ଧାର କରିବା ସହ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୩ ଦିନହେଲା ଦେବଗଡ଼ ବନଖଣ୍ଡ କାର୍ଯ୍ୟାଳୟର କିରାଣି ନିଖୋଜ

**ଦେବଗଡ଼, ୬।୧ (ସମିସ):** ଦେବଗଡ଼ ବନଖଣ୍ଡ କାର୍ଯ୍ୟାଳୟରେ କିରାଣି ଭାବେ କାର୍ଯ୍ୟରତ ବାରକୋଟ ବ୍ଲକ କଲା ଗ୍ରାମର କେଶବ ଚନ୍ଦ୍ର ବେହେରା ଗତ ୩ ତାରିଖ ଅପରାହ୍ଣରୁ ନିଖୋଜ ଥିବା ଅଭିଯୋଗ ହୋଇଛି। ଏନେଇ ଆଜି ଅପରାହ୍ଣରେ କେଶବଙ୍କ ସ୍ତ୍ରୀ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବାପରେ ପୁଲିସ ଏକ ନିଖୋଜ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ମାତ୍ର ଖବର ଲେଖାଯିବା ପର୍ଯ୍ୟନ୍ତ କେଶବଙ୍କର କୌଣସି ସନ୍ଧାନ ମିଳିନାହିଁ। କେଶବ ଗତ ୩ ତାରିଖ ଶେଷଥର ପାଇଁ ଦେବଗଡ଼ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ଅପରାହ୍ଣରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ। ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ମୋବାଇଲରେ ଯୋଗାଯୋଗ କରିଥିଲେ ହେଁ ସୁଇଚ ଅଫ୍ ଥିବାରୁ ଏହା ସମ୍ଭବ ହୋଇ ନ ଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ କେଶବଙ୍କ କୌଣସି ସନ୍ଧାନ ନମିଳିବାରୁ ତାଙ୍କ ସ୍ତ୍ରୀ ଆଜି ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ।



# ରିଆମାଳରେ ବିଜେଡିର ସାଂଗଠନିକ ସଭା

**ରିଆମାଳ, ୬ ।୧(ସମିସ):** ରିଆମାଳ କଲ୍ୟାଣମଣ୍ଡପଠାରେ ଶନିବାର ବିଜେଡି ପକ୍ଷରୁ ବ୍ଲକସ୍ତରୀୟ ସାଂଗଠନିକ ସଭା ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜେଡ଼ି ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂଗଠନିକ ସଭାରେ ନବନିଯୁକ୍ତ ଦେବଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ଗୌତମବୁଦ୍ଧ ଦାସ ଓ ମହିଳା ଜିଲ୍ଲା ପର୍ଯ୍ୟବେକ୍ଷକ ମୀନତି ଦେବତା ଯୋଗଦେଇ ଥିଲେ। ସେହିପରି ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ରେକର୍ଡ ସଂଖ୍ୟକ ବ୍ୟବଧାନରେ ଦଳକୁ ବିଜୟୀ କରାଇବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସଭାପତି ବୈକୁଣ୍ଠ ପାଇକରାୟ, ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରାଜ୍ୟ ସମ୍ପାଦିକା ଅର୍ଚ୍ଚନା ପ୍ରଧାନ, ଜିଲ୍ଲା ମହିଳା ସଭାନେତ୍ରୀ ଆରୁଣୀ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବ୍ଲକ ମହିଳା ସଭାପତି ଜ୍ୟୋତିମଞ୍ଜରୀ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ଉନ୍ନୟନ ପରିଷଦ ସଭାପତି ପାଞ୍ଜିଆ ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଲଳିତ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ବାସନ୍ତୀ ବେହେରା, ସମିତିସଭ୍ୟ ଲିଙ୍ଗରାଜ ସାହୁ, ପୂର୍ବତନ ସରପଞ୍ଚ ତରଣୀସେନ ପ୍ରଧାନ, ପୂର୍ବତନ ବିଜେଡି ଜିଲ୍ଲା ସଭାପତି ପ୍ରମୋଦ କୁମାର ପ୍ରଧାନ, ଚାଷୀ ନେତା ପ୍ରମୋଦ ଝାଙ୍କର, ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



# ଚତୁର୍ଥ ବଜରଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ସମ୍ବଲପୁର, ୬।୧ (ସମିସ):** ଆଜି ବୁଢ଼ାରଜା ଏସଆର୍‌ଆଇଟି କଲୋନୀରେ ଚତୁର୍ଥ ବଜରଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ହୋଇଯାଇଛି। କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଟୁର୍ଣ୍ଣାମେଣ୍ଟ ଉଦଟନ କରିଥିଲେ




ଏହି ଟୁର୍ଣ୍ଣାମେଣ୍ଟରେ ବଲାଙ୍ଗିର, ବରଗଡ଼, ଝାରସୁଗୁଡ଼ା ଦେବଗଡ଼ ଜିଲ୍ଲାର ବହୁ ଦଳ ସାମିଲ ହୋଇଛନ୍ତି। ଆଜିର ଉଦ୍‌ଘାଟିତ କାର୍ଯ୍ୟକ୍ରମ ରେ ସଞ୍ଜିତ ମହାନ୍ତିଙ୍କ ସହ ଛାତ୍ର ବିଜେଡି ଜୋନ ସଭାପତି ମିଲନ ହୋତା, ୱେଲ ଫ୍ୟର କମିଟି ସଭାପତି ବି ଏନ୍ ଶତପଥୀ, ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ଛାତ୍ର ବିଜେଡ଼ି ଉପ ସଭାପତି ସୁମିତ ପଟେଲ, ଦେବ ଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ, ଅନୁପ ବାବୁ, ପ୍ରଦୀପ ସାହୁ, ବବଲୁ ଗିରି, ସ୍ୱାଗତ ଦାସ, ରୁଦ୍ର ପ୍ରହରାଜ, ଶିଭମ ପର୍ମାର, ଚିରଞ୍ଜିବୀ ସାହୁ, ଅର୍‌ୟନ ବୋହିଦର୍, ସପନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ହକି ପ୍ରତିଯୋଗିତା ଉଦ୍‌ଯାପିତ, ବସନ୍ତପୁର ଚାମ୍ପିଅନ

**ଦେବଗଡ଼, ୬।୧(ସମିସ):** ରିଆମାଳ ବ୍ଲକ ତାବଡ଼ା ପଞ୍ଚାୟତର ତୁଳସୀତଇଲା ଗ୍ରାମରେ ନେତାଜୀ କ୍ଲବ୍ ଆନୁକୂଲ୍ୟରେ ୩୨ ଟି ଦଳକୁ ନେଇ ଚାଲିଥିବା ହକି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ କରଡ଼ାପାଳ ହକି ଦଳକୁ ଟାଇବ୍ରେକର ଜରିଆରେ ପରାସ୍ତ କରି ବସନ୍ତପୁର ଦଳ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌କୁ ରେଫରୀ ଭାବେ ନାରାୟଣ ନାଗ ଓ ସୁରେଶ ନାଗ ପରିଚାଳନା କରିଥିଲେ। ସଂଧ୍ୟାରେ ଆୟୋଜକ ନେତାଜୀ କ୍ଲବର ସଭାପତି ଲକ୍ଷ୍ମଣ ସୋୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ସେମ୍ ହେମ୍ରମ ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ, ସମ୍ମାନିତ ଅତିଥି ଭାବେ ତାବଡା ପଞ୍ଚାୟତର ସମିତି ସଦସ୍ୟା ରିତା ନାଥ, ଭୋଳେଶ୍ୱର ଗଡ଼ନାୟକ, କ୍ଷୀରସିନ୍ଧୁ ଭୋଇ, ଶରତ ସାହୁ, ନାରାୟଣ ନାଗ, ସୁରେଶ ସୋୟ, ବୀର୍ସା ଟପ୍ପୋ ଓ ଟିନୁ ପୂର୍ତ୍ତୀ ପ୍ରମୁଖ ଯୋଗଦେଇ ଥିଲେ। ନେତାଜୀ କ୍ଲବର ସମ୍ପାଦକ କରମସିଂ ସୋୟ ଧନ୍ୟବାଦ ଅର୍ପଣ କରିଥିଲେ।



# ସ୍ୱାଧୀନତା ସଂଗ୍ରାମୀ ଧନୁ ସିଂ ମେମୋରିଆଲ୍ ଟ୍ରଷ୍ଟ ଉଦ୍‌ଘାଟିତ

ଝାରସୁଗୁଡ଼ା, ୬।୧(ସମିସ)

ସ୍ୱର୍ଗୀୟ ଜମିଦାର ଅବଧୁତ ସିଂଙ୍କ ସୁପୁତ୍ର ଧନୁ ସିଂହଙ୍କ ସ୍ମୃତି ଉଦ୍ଦେଶରେ ଗଠିତ ଧନୁ ସିଂ ମେମୋରିଆଲ୍ ଟ୍ରଷ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ସନତ କୁମର ସିଂ ସଭାପତିତ୍ୱ କରିଥିବାବେଳେ ଲଖନପୁର ତହସିଲଦାର ସଦାକର କୁମ୍ଭାର ମୁଖ୍ୟ ଅତିଥି ହୋଇ ଯୋଗଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ମଚିଦା ଗ୍ରାମର ସ୍ୱର୍ଗୀୟ ଜମିଦାର ଧନୁ ସିଂ ଜଣେ ଦକ୍ଷ ସ୍ୱାଧୀନତା ସଂଗ୍ରାମୀ ଥିଲେ। ସଭାରେ ସନତ କୁମାର ସିଂହ ଜିଲ୍ଲା ପରିସଦ୍ ସଭ୍ୟ, ସଦାକର କୁମ୍ଭାର ତହସିଲରଙ୍କ ସହ ନରେନ୍ଦ୍ର ଗଡ଼ତିଆ, ମଚିଦା ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ପ୍ରଧାନଶିକ୍ଷକ ବିପ୍ଳବ ପାତ୍ର, କତରବଗା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ଲବ ପ୍ରଧାନ, ସାମ୍ବାଦିକ ମହେନ୍ଦ୍ର ସାଏ, ଉତ୍ତମ ନେଗୀ, କତରବଗା ଆରଆଇ ଶ୍ରୀ ମିଶ୍ର ଏବଂ ଟ୍ରଷ୍ଟର ସଭାପତି ମୋହନ କୁମାର ସିଂ ଆଦି ଅତିଥି ଗଣ ମଞ୍ଚସ୍ଥ ଥିଲେ। ଏହି କାର୍ଯ୍ୟକ୍ରମରେ ମଚିଦା ଗ୍ରାମ ଓ ଆଖପାଖ ଗ୍ରାମର ପ୍ରାୟ ପାଞ୍ଚଶହ ଲୋକ ଉପସ୍ଥିତ ଥିଲେ। ସଭା ପରିଚାଳନା କରୁଥିବା ସନତ ସିଂ ଧନୁ ସିଂହଙ୍କ ତ୍ୟାଗ ଓ ସ୍ୱାଧୀନତା ସଂଗ୍ରାମର ସ୍ମୃତିଚାରଣ କରିଥିଲେ। ବୀର ସୁରେନ୍ଦ୍ର ସାଏଙ୍କୁ ସ୍ୱାଧୀନତା ସଂଗ୍ରାମରେ ସହଯୋଗ କରିଥିବା ୧୭ ଜଣ ଜମିଦାରଙ୍କ ମଧ୍ୟରେ ଜଣେ ଧନୁ ସିଂ ଥିଲେ। ଏହା ସହ ଲଖନପୁର ବ୍ଲକ ଅଞ୍ଚଳର



କୁଡ଼ାବଗା ଜମିଦାର ଅଞ୍ଜୋର ସିଂ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ଏହି ଦୁଇ ଜଣଙ୍କ ସ୍ୱାଧୀନତା ସଂଗ୍ରାମର ପୂର୍ଣ୍ଣାଙ୍ଗ ଇତିହାସ ବାହାର କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ। ଧନୁ ସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠନ କରାଯାଇଥିବା ଟ୍ରଷ୍ଟ ତାଙ୍କ ଉଦ୍ୟମକୁ ସାଧୁବାଦ ଜଣାଇ ସବୁ ପ୍ରକାରର ସହଯୋଗ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଟ୍ରଷ୍ଟ ସମ୍ପାଦକ କାହ୍ନୁ ଚରଣ ଭୋଇ ଟ୍ରଷ୍ଟ ଗଠନର ଆଭିମୁଖ୍ୟ ବିଷୟରେ ଓ ଧନୁ ସିଂହଙ୍କ ସ୍ୱାଧୀନତା ସଂଗ୍ରାମର ତଥ୍ୟ ସଭାରେ ପ୍ରକାଶ କରିଥିଲେ। ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଅନ୍ତର୍ଜାତୀୟ ଗବେଷଣା ପ୍ରତିଷ୍ଠାନ ସଦସ୍ୟ ପ୍ରଫୁଲ୍ଲ କୁମାର ଦାଶ ଓ ପ୍ରମୋଦ ମିଶ୍ର ମଚିଦା ଗ୍ରାମକୁ ଆସି ଦେଇଥବା ତଥ୍ୟକୁ ସଭାରେ ଉପସ୍ଥାପନା କରିଥିଲେ। ଟ୍ରଷ୍ଟର ଆଭିମୁଖ୍ୟକୁ ନେଇ ଟ୍ରଷ୍ଟ କୃଷି, ଶିକ୍ଷା, କ୍ରୀଡ଼ା, ସ୍ୱାସ୍ଥ୍ୟ ଓ ବନୀକରଣ ତଥା ପରିବେଶ ସୁରକ୍ଷା ଆଦି କ୍ଷେତ୍ରରେ ଜନସାଧାରଙ୍କ ସେବା କରିବା ପାଇଁ ଟ୍ରଷ୍ଟ ଗଠନ କରାଯାଇଛି। ମଚିଦା ଜଙ୍ଗଲକୁ ଘଞ୍ଚ ଜଙ୍ଗଲରେ ପରିଣତ କରିବା ପାଇଁ ଲକ୍ଷାଧିକ ବୃକ୍ଷରୋପଣ କରିବା କାର୍ଯ୍ୟକ୍ରମ ରଖାଯାଇଛି। ଟ୍ରଷ୍ଟି ସଭାପତି ମୋହନ କୁମାର ସିଂ ତାଙ୍କ ଭାଷଣରେ ଧନୁ ସିଂଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ଓ ଅଫିସ ଘର ପାଇଁ ଜିଲ୍ଲା ପରିଷଦ ସଭ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମଞ୍ଚାସିନ ଅନ୍ୟାନ୍ୟ ଅତିଥି ଧନୁ ସିଂହଙ୍କ ସ୍ମୃତି ଚାରଣ କରିବା ସଙ୍ଗେସଙ୍ଗେ ସ୍ୱାଧୀନତା ସଂଗ୍ରାମର ଅନେକ ପ୍ରସଂସା କରିଥିଲେ। ମୁଖ୍ୟଅତିଥି ତହସିଲଦାର ସଦାକର କୁମ୍ଭାର କହିଥିଲେ ଧନୁ ସିଂ ଅନେକ କଷ୍ଟ ବରଣକରି ଦେଶ ପାଇଁ ସଂଗ୍ରାମ କରିଥିଲେ, ଆମେ ଆଜି ଦିନରେ ଯେଉଁ ସ୍ୱାଧୀନତା ଉପଭୋଗ କରୁଛୁ ଏହିପରି ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନର ଫଳ ଅଟେ। ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ କରି ପାଠ ପଢ଼ିବା ସହିତ ଆଗମୀ ଦିନରେ ଦେଶ ପାଇଁ କାମକରି ଧନୁ ସିଂଙ୍କ ପରି ଚିରସ୍ମରଣୀୟ ହୋଇପାରିବ ବୋଲି ତାଙ୍କ ବକ୍ତବ୍ୟରେ ସେ କହିଥିଲେ।

## ଲୋକ ମହୋତ୍ସବରେ ଆଲୋଚନାଚକ୍ର

# ସମ୍ବଲପୁରୀ ନାଟକରେ ପଶ୍ଚିମ ଓଡ଼ିଶାର ପରମ୍ପରା

**ସମ୍ବଲପୁର, ୬।୧ (ସମିସ):** ସମ୍ବଲପୁର ଲୋକମହୋତ୍ସବର ଦ୍ୱିତୀୟ ଦିନ ଆଲୋଚନା ଚକ୍ରର ପ୍ରଥମ ଅଧିବେଶନର ସମ୍ବଲପୁରୀ ନାଟକରେ ପଶ୍ଚିମ ଓଡ଼ିଶାର ପରମ୍ପରା ବିଷୟ ବସ୍ତୁ ରହିଥିଲା। ଆବାହକ ମାହେଶ୍ୱରୀ ପ୍ରସାଦ



ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମାନରେ ମୁଖ୍ୟବକ୍ତା ଭାବରେ ଡ. ଦ୍ୱାରିକାନାଥ ନାୟକ କହିଥିଲେ ଭାଷା ସହ

### ସମ୍ବଲପୁରରେ ସଙ୍ଗୀତ, ନାଟକ ମହାବିଦ୍ୟାଳୟ ଦାବି

ସଂସ୍କୃତି ଗମନକରେ। ଯେଉଁ ନାଟକରେ ସମ୍ବଲପୁରୀ ସଂସ୍କୃତିର ପ୍ରତିଫଳନ ନାହିଁ ସେଭଳି ନାଟକକୁ ସମ୍ପୂର୍ଣ ଭାବରେ ସମ୍ବଲପୁରୀ ନାଟକ କୁହାଯାଇ ପାରିବ ନାହିଁ। ଆଜି ସମ୍ବଲପୁରୀ ନାଟକ ଯେଉଁ ଉଚ୍ଚ ସୋପାନ ହାସଲ କରିପାରିଛି। ଏଥି ସକାଶେ ସେହି ନାଟକଗୁଡିକରେ ଅଞ୍ଚଳର ଆଞ୍ଚଳିକ ସଂସ୍କୃତି ହିଁ ଦାୟୀ। କେବଳ ନାଚ ଗୀତରେ ସଂସ୍କୃତି ସିମୀତ ନୁହେଁ। ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଲେକଜୀବନର ଚଳଣୀର ଛାପ ନେଇ ମଧ୍ୟ ସଂସ୍କୃତିର ପ୍ରାସାର କରାଯାଇ ପାରିବ ଯାହା ଅତି ଜୀବନ୍ତ ବଳିଷ୍ଠ ଭାବରେ ସମ୍ବଲପୁରୀ ନାଟକରେ ଗୁମ୍ଫିତ ହୋଇଛି ବୋଲି ଦର୍ଶାଇ ସେ ଅନେକ ଦୃଷ୍ଟାନ୍ତ ଦେଇ ତାଙ୍କ ବକ୍ତବ୍ୟ ରଖିଥିଲେ। ସମ୍ବଲପୁରରେ ଆନ୍ତର୍ଜାତୀୟ ସ୍ତରର ଲୋକମହୋତ୍ସବର ଆୟୋଜନ ହେବା ଉଚିତ ବୋଲି ସଭାରେ ମତପ୍ରକାଶ ପାଇବା ସହ ସମ୍ବଲପୁରରେ ଏକ ସଙ୍ଗୀତ ଓ ନାଟକ ମହାବିଦ୍ୟାଳୟ ଓ ସ୍ୱତନ୍ତ୍ର ସୁବିଧା ଥାଇ ନାଟକ ପାଇଁ ପ୍ରେକ୍ଷାଳୟ ସ୍ଥାପନ ସକାଶେ ସରକାରଙ୍କୁ ଦାବି କରିବାକୁ ନିଷ୍ପତ୍ତି ହୋଇଥିଲା। ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ସୁବାଷ ନନ୍ଦ, ଯୁବଉଦୟନ ପକ୍ଷରୁ ଡ. ସିଦ୍ଧାର୍ଥ ପଣ୍ଡା, ଶବ୍ଦ ସାଂସ୍କୃତିକ ଅନୁଷ୍ଠାନରୁ ବିରୁପାକ୍ଷ ପ୍ରଧାନ, ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦରୁ ସନ୍ତୋଷ କୁମାର ମିଶ୍ର, ନାଟ୍‌ନାଟୁଆରୁ ସୂର୍ଯ୍ୟ ପାଣିଗ୍ରାହୀ, ମଞ୍ଚନାୟକ ଅନୁଷ୍ଠାନରୁ ମମତା ପଣ୍ଡା, ସଞ୍ଜୀବ ପାଢ଼ୀ, ପାଟଣେଶ୍ୱରୀ ଯୁବକ ସଂଘରୁ ଡ. ସତ୍ୟନାରାୟଣ ଠାକୁର, ଓଲ୍ଡ ଫ୍ରେଣ୍ଡସ ଏସୋସିଏସନରୁ ଡ. କେଦାରନାଥ ପଟେଲ, ସ୍ୱର ଅନୁଷ୍ଠାନ ପକ୍ଷରୁ ମାନସ ମିଶ୍ର, ଲଳିତ ମୋହନ ବେବର୍ତ୍ତା, ବିଭୂତି ମିଶ୍ର, ସୌରିନାରାୟଣ ପାଣିଗ୍ରାହୀ ପ୍ରମୁଖ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଓ ନାଟ୍ୟକର୍ମୀମାନେ ସମ୍ବଲପୁରୀ ନାଟକ ଉପରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନରେ ସମ୍ବଲପୁରୀ କବିତା ପାଠୋତ୍ସବରେ ସମ୍ବଲପୁର ଓ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସମୁଦାୟ ବୟାଅଶି ଜଣ କବି ତାଙ୍କ କବିତା ପାଠ କରିଥିଲେ।କମଳ ଲୋଚନ ପଣ୍ଡା ସଂଯୋଜନା କରିଥିଲେ, କବି ଗୁଣରଞ୍ଜନ ସାଲିମା ଓ କାର୍ତ୍ତିକ ବହିଦାର ମଞ୍ଚସୀନ ଥିଲେ।ଶେଷରେ ସହ ଆବାହକ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ● ଲୋକ ମହୋତ୍ସବ ୨୦୨୪

# ୫ ବିଶିଷ୍ଟ ବ୍ୟକ୍ତିତ୍ୱ ସମ୍ବର୍ଦ୍ଧିତ

**ସମ୍ବଲପୁର, ୬।୧ (ସମିସ):** ସମ୍ବଲପୁରରେ ତିନିଦିନ ବ୍ୟାପୀ ଆୟୋଜିତ ହୋଇଥିବା ଲୋକ ମହୋତ୍ସବ ୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଏହି ଲୋକକଳା ସଂସ୍କୃତିର ଉତ୍ସବ ଲୋକ ମହୋତ୍ସବରେ ରାଜ୍ୟ, ଦେଶ ତଥା ବିଦେଶରୁ ଶତାଧିକ ଲୋକ କଳାକାର ନିଜର ଲୋକକଳା ପ୍ରଦର୍ଶନ କରିଥିଲେ। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଲୋକକଳା ସଂସ୍କୃତି କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଅଞ୍ଚଳ ପ୍ରତି ସୁନାମ ଆଣି ଦେଇଥିବା ବିଶିଷ୍ଟ କଳା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସମିତିର ଆବାହକ ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଲୋକ ମହୋତ୍ସବରେ ଲୋକ ସଂଗୀତ ପାଇଁ ବିଶିଷ୍ଟ ଲୋକ ଗୀତ କଣ୍ଠଶିଳ୍ପୀ କମଳ କୁମାରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକ ନୃତ୍ୟ ପରିବେଷଣ ଓ ଗବେଷଣା କ୍ଷେତ୍ରରେ ଦୀର୍ଘଦିନ କାର୍ଯ୍ୟ କରିଆସିଥିବା ଦୀପାଳି ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉମେଶ ପ୍ରସାଦ ରଥଙ୍କୁ ନାଟ୍ୟକଳା କ୍ଷେତ୍ରରେ ସମ୍ବର୍ଦ୍ଧିତ କରାଯାଇଥିଲା।୨୦ବର୍ଷ ବୟସରୁ ଜଣେ ଭିନ୍ନକ୍ଷମ ମହିଳା ହେବା ସତ୍ତ୍ୱେ ପାଲା ପରିବେଷଣ କରି ସମାଜକୁ ସଂସ୍କାରିତ କରିବାର ଉଦ୍ଦେଶ୍ୟ ନେଇ ଦୀର୍ଘ ୪୦ ବର୍ଷ ହେଲା କଳା ସଂସ୍କୃତିକୁ ବଂଚେଇବା ପାଇଁ କାର୍ଯ୍ୟ କରି ଆସିଥିବା କୁମୁଦିନୀ ପଟେଲଙ୍କୁ ପାରମ୍ପରିକ ଲୋକ କଳା ବିଭାଗରେ ସମ୍ବର୍ଦ୍ଧିତ କରାଯାଇଥିଲା। ହାତ ଓ ତୁଳୀର ଯାଦୁଗରୀ ଚାରକୋଲ ଚିତ୍ର ଆଙ୍କି ଅଞ୍ଚଳ ପାଇଁ ସୁନାମ ଆଣିଥିବା ବିଶିଷ୍ଟ ଚିତ୍ରଶିଳ୍ପୀ ନୃସିଂହ ଚରଣ ସାହୁଙ୍କୁ ଚିତ୍ରକଳା ବିଭାଗରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଲୋକକଳା ସଂସ୍କୃତିର ପ୍ରଚାରପ୍ରସାର ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଦୂରଦର୍ଶନ କେନ୍ଦ୍ର ସମ୍ବଲପୁରକୁ ବିଶେଷ ଭାବରେ ଲୋକ ମହୋତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉପସମିତିର ଆବାହକ ସୂର୍ଯ୍ୟ ପାଣିଗ୍ରାହୀ ପରିକଳ୍ପନା ଓ ନିର୍ଦ୍ଦେଶନାରେ ନିର୍ମାଣ କରାଯାଇଥିବା କ୍ଷୁଦ୍ର ବୃତ୍ତଚିତ୍ରକୁ ସମ୍ବର୍ଦ୍ଧନା ପର୍ବ ସମୟରେ ଲୋକ ମହୋତ୍ସବ ମଞ୍ଚରେ ପ୍ରଦର୍ଶନ କରାଯାଇଥିଲା। ଯାହାକି ଦର୍ଶକଙ୍କ ଦ୍ୱାରା ଆଦୃତ ଓ ଉଚ୍ଚ ପ୍ରଶଂସିତ ହୋଇପାରିଥିଲା।

### ଦୂରଦର୍ଶନ କେନ୍ଦ୍ର ସମ୍ବଲପୁର ସମ୍ବର୍ଦ୍ଧିତ

## ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

# ଏଲ୍‌ଏନ୍‌ଟି ଟୋଲ୍ ଗେଟ୍ ତରଫରୁ ମାଗଣା ଚକ୍ଷୁ ପରୀକ୍ଷା

**ସମ୍ବଲପୁର, ୬।୧(ସମିସ):** ଏଲ୍‌ଏନ୍‌ଟି ଟୋଲ୍‌ଗେଟ୍ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଚକ୍ଷୁ ପରୀକ୍ଷା ଶିବିର ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ଯୋଗଦେଇ ଶିବିରକୁ ଉଦଘାଟନ କରାଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଭାଗର ମିସ ପ୍ରୀତିଲିପ୍ସା ପତି, ନିରଞ୍ଜନ ବାରିକ ଏବଂ ସତ୍ୟବ୍ରତ ଦାସ ଗାଡ଼ି ଚାଳକ ମାନଙ୍କର ଆଖି ପରୀକ୍ଷଣ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଏଲ୍‌ଏନ୍‌ଟିର ରାସ୍ତା ସୁରକ୍ଷା ଅଧିକାରୀ ମନୋଜ କୁମାର ପଟ୍ଟନାୟକ ସୂଚାରୁ ରୂପେ ପରିଚାଳନା କରିଥିଲେ। ଏଲ୍‌ଏନ୍‌ଟି ର ଗୋପାଳ ପାତ୍ର, ସୁଶାନ୍ତ ନାୟକ, ବିପିନ ନାୟକ, ଆଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ। ଏଥିରେ ପାଖାପାଖି ୫୯ଜଣ ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା।

## ସମ୍ବଲପୁର ଲୋକମହୋତ୍ସବ ଶେଷ ସନ୍ଧ୍ୟା

# ଆମ କଳା, ସଂସ୍କୃତି ବିଶ୍ୱ ଦରବାରରେ ଅନନ୍ୟ

**ସମ୍ବଲପୁର, ୬।୧୨(ସମିସ)**

ସମ୍ବଲପୁର ଲୋକମହୋତ୍ସବର ଶେଷ ସନ୍ଧ୍ୟାରେ ରଙ୍ଗାରଙ୍ଗ ଆତସବାଜି ନାଚ, ଗୀତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ଉତ୍ସାହ ଉଦ୍ଦୀପନାଶିକ୍ତ ବାତାବରଣରେ ନୃତ୍ୟଗୀତର ଜମକ ନେଇ ସମ୍ବଲପୁର ଲୋକମହୋତ୍ସବ ୨୦୨୪ ଉଦଯାପିତ ହୋଇଯାଇଛି। ଲୋକମହୋତ୍ସବ ନୋଡାଲ ଅଧିକାରୀ ତଥା ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ସଭାରେ ଅଧ୍ୟକ୍ଷତା କରିଥିଲେ। ବାଣିଜ୍ୟ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ, ରେଢାଖୋଲ ବିଧାୟକ ତଥା ବିଜେଡି ଜିଲ୍ଲାସଭାପତି ଇଂ ରୋହିତ ପୂଜାରୀ, ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ, ଏମ୍‌ସିଏଲ୍ ସିଏମ୍‌ଡି ଉଦୟ ଏ. କାଉଲେ, ଆଇଆଇଏମ୍, ସମ୍ବଲପୁରର ଡ. ମହାଦେବ ଜୟସ୍ୱାଲ, ଜେଏସ୍‌ଡବ୍ଲୁ ଭୂଷଣର ସିଇଓ ଅନିଲ ସିଂହ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ଏନ. ନାଗାରାଜୁ, ହିଣ୍ଡାଲକୋର କ୍ଲଷ୍ଟର ହେଡ୍ କୈଳାସନାଥ ପାଣ୍ଡେ, ଏଡିଏମ ରେଭିନ୍ୟୁ ପ୍ରଦୀପ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଫକୀର ମୋହନ ମାଝୀ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଲୁପ୍ତପ୍ରାୟ ବାଦ୍ୟ ପାଟଣାଗଡ଼ ବ୍ଲକର କଳାକାର ହୃଷିକେଶ କୁମ୍ଭାର ମହୁରୀ ଓ ଭଏଁସା ବାଦ୍ୟ ପରିବେଷଣ କରିଥିଲେ। ଲୋକଗୀତ କାର୍ଯ୍ୟକ୍ରମରେ ଗୁରୁ ରତନ କୁମାର ପୂଜାରୀଙ୍କ ସଂଯୋଜନାରେ ଅଶ୍ଳେଷା ମିଶ୍ର ଲୀଳା ଗୀତ, ରବୀନ୍ଦ୍ର ପଣ୍ଡା କୃଷ୍ଣଗୁରୁ ଗୀତ, ସୁନୀତା ପଟ୍ଟନାୟକ ଜାଇଫୁଲ ଗୀତ ଏବଂ ସ୍ୱରୂପ କିଷନ ଭୋଇ ଷଢରସ ଛଇଲି ଗୀତ ପରିବେଷଣ କରିଥିଲେ। ତରୁଣ କୁମ୍ଭାର, ଶନି ବେହେରା, ପ୍ରଳୟ କୁଅଁର, ଦଶରଥ ମେହେର, ପ୍ରଶାନ୍ତ ବେସନ, କୃଷ୍ଣଚନ୍ଦ୍ର ବାଗ, ସୋମନାଥ ଜାଲ, ରାଜେଶ ଗର୍ଡ଼ିଆ, କପିଳେନ୍ଦ୍ର ସାହୁ, ରାଜେଶ ଦୀପ, ଚିତ୍ତରଞ୍ଜନ ମହାକୁଡ ପ୍ରମୁଖ ବାଦ୍ୟକାରମାନେ ଗତ ଦୁଇଦିନ ଭଳି ଆଜି ମଧ୍ୟ ଲୋକଗୀତ କାର୍ଯ୍ୟକ୍ରମରେ ବାଦ୍ୟରେ ସହଯୋଗ କରିଥିଲେ। ପଦ୍ମଶ୍ରୀ ଡ. ହରିପାଲ ତାଙ୍କ ବକ୍ତବ୍ୟରେ ଲୋକକଳାକୁ ବଞ୍ଚାଇବାକୁ ନୂତନ ପିଢି ଆଗକୁ ଆସିବା ଉଚିତ ବୋଲି କହିଥିଲେ। ଇଂ ପୂଜାରୀ ତାଙ୍କ ବକ୍ତବ୍ୟରେ ଲୋକମହୋତ୍ସବର ସଫଳତା ପାଇଁ ଏହି ମହୋତ୍ସବ ସହ ଜଡିତ ଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶ୍ୟାମ ମେଟାଲିକ୍ସର ଦେବ କୁମାର ତିୱାରି, କୈଳାସ ପାଣ୍ଡେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସମ୍ବଲପୁରରେ ଅତି ସମୃଦ୍ଧ ଲୋକସଂସ୍କୃତି ରହିଛି। ଜି, ଏସ୍. ଡବ୍ଲ୍ୟୁ ସବୁବେଳେ କଳା ଓ ସଂସ୍କୃତିର ସଂରକ୍ଷଣ ଓ ବୃଦ୍ଧି ପାଇବ କାମ କରି ଆସୁଛି ଆଗକୁ କରିବ ମଧ୍ୟ। ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଆମର ସମୃଦ୍ଧ ସଂସ୍କୃତିର ଆଜି ବିଶ୍ୱ ଦରବାରରେ ସମ୍ବଲପୁର ପାଇଁ ସ୍ୱତନ୍ତ୍ର ପରିଚୟ ଆଣି ଦେଇଛି ବୋଲି କହିଥିଲେ। ସମ୍ବଲପୁରକୁ ଭାଇଚାରାର ନଗର ଭାବରେ ଅବିହିତ କରି ମନ୍ତ୍ରୀ ଟୁକୁନୀ ସାହୁ କହିଥିଲେ। ସଂସ୍କୃତି ମାଧ୍ୟମରେ ସଭିଙ୍କୁ ବାନ୍ଧି












### ଅଳିଆ ସଂଗ୍ରହ ଗାଡ଼ିରେ ବାଜିବ ସମ୍ବଲପୁରୀ ଗୀତ

ରଖିବାର କଳା ଏଠାକାର ପ୍ରତିଭାମାନଙ୍କୁ ଜଣା। ଆଗାମୀ ଦିନରେ କଳାକାରମାନଙ୍କୁ ଉପଯୁକ୍ତ ବୃତ୍ତି ନିଯୁକ୍ତି ତଥା କଳା ମହାବିଦ୍ୟାଳୟ ସ୍ଥାପନ ସକାଶେ ପ୍ରୟାସ କରାଯିବ ବୋଲି ସେ କହିଥିଲେ। ସମ୍ବଲପୁର ଦୂରଦର୍ଶନ ଓ ଗାୟିକା କମଳକୁମାରୀ ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ମ୍ୟୁନିସିପାଲିଟିରେ ଅଳିଆ ସଂଗ୍ରହ ଗାଡିରେ ବଜାଇବାକୁ ଥିବା ନୂଆଁ ସମ୍ବଲପୁରୀ ଗୀତର ଲୋକାର୍ପଣ ହୋଇଥିଲା। ଲୋକନୃତ୍ୟ କାର୍ଯ୍ୟକ୍ରମରେ ଜବାନ କ୍ଲବ୍ ସମ୍ବଲପୁର ପକ୍ଷରୁ ରସରକେଲୀ, ମଧ୍ୟପ୍ରଦେଶର ମୟୁର ନୃତ୍ୟ, ଗଞ୍ଜାମର ରଣପା, ଥାଇଲାଣ୍ଡର କଳାକାରମାନଙ୍କ ଦ୍ୱାରା ଦି ଓରିଏଣ୍ଟାଲ ଲାଇଟ୍, ବଲାଙ୍ଗିରର ନୃତ୍ୟ ଦଳ ଢାପ୍, ପଂଜାବର ନୃତ୍ୟ ଦଳ ମାଲୱାଇ ଗିଦ୍ଧା, ରେଢାଖୋଲର ସୁଆଙ୍ଗ ଦଣ୍ଡ, ହରିୟାଣାର ପଣିହାରି ନୃତ୍ୟ, କେସିଙ୍ଗାର ଘୁମୁରା, ବାମଣ୍ଡାର ନଡୁ କିଷନ ପରିବେଷଣ ହୋଇଥିଲା। ଏଡିଏମ୍ ଜେନେରାଲ ଅଜାମ୍ବର ମହାନ୍ତି ଓ ଶିକ୍ଷା ମନ୍ତ୍ରଣାଳୟର ଭାରତୀୟ ବିଶ୍ୱବିଦ୍ୟାଳୟ ସଂଗଠନର ସହ ସମ୍ପାଦକ ଡ. ଆଲୋକ କୁମାର ମିଶ୍ର ମଞ୍ଚ କାର୍ଯ୍ୟକ୍ରମ ସମାପନ ପୂର୍ବରୁ ମଞ୍ଚକୁ ଆସି ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ସଂଯୋଜକ ଭୋଲା ଶଙ୍କର ମହନ୍ତମ, ସହସଂଯୋଜକ ଅନୁପ ତରିଆ, ଦଳ ଆବାହକ ଶଶାଙ୍କ ଦୁବେ, ସହ ଆବାହକ ଅତିଶ କୁମାର ଶତପଥୀ, ମଞ୍ଚ ଆବାହକ ନନ୍ଦ କିଶୋର ସାହୁ, ସହ ଆବାହକ ଲଳିତ ମୋହନ ବେବର୍ତ୍ତା, ଖାଦ୍ୟ ଯୋଗାଣ ଆବାହକ ସୁବ୍ରତ ପଣ୍ଡା, ପ୍ରଚାର ଓ ଶୋଭାଯାତ୍ରା ଆବାହକ ରାହୁଲ ଗୁପ୍ତା, ରାଜକୁମାର ଜାଲ, ପ୍ରଦର୍ଶନୀ ଆବାହକ ଶିଶିର କର, ତଥ୍ୟ ସଂଗ୍ରହଣ ଆବାହକ ଡମ୍ବରୁଧର ପ୍ରଧାନ, ସମ୍ବର୍ଦ୍ଧନା ଆବାହକ ସୂର୍ଯ୍ୟ ପାଣିଗ୍ରାହୀ, ଅଭ୍ୟର୍ଥନା ଆବାହକ ଶ୍ରବଣ ପତି, ସବ ଆବାହକ ମାମିନା ଖାତୁନ ସହଯୋଗ କରିଥିଲେ। ପନ୍ଦରଟି ଖାଦ୍ୟ ଷ୍ଟଲ ସହ ୧୫୧ଟି ଷ୍ଟଲରେ ଓ ୧୩୫ ଚିତ୍ରକଳା, ୭୫ ଫଟୋ ସ୍ଥାନିତ ହୋଇଥିବା ପ୍ରଦର୍ଶନୀ ପ୍ରେକ୍ଷାଳୟରେ ଆଜି ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସାମାନ୍ୟ ଶୀତବୃଦ୍ଧି ସତ୍ତ୍ୱେ ବହୁ ଦର୍ଶକ ଶେଷ ପର୍ଯ୍ୟନ୍ତ ରହି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଜନ ସାଧାରଣଙ୍କ ଆଗ୍ରହକୁ ଦୃଷ୍ଟିଦେଇ ଆସନ୍ତା କାଲି ମଧ୍ୟ ସମସ୍ତ ଷ୍ଟଲ ଖଲା ରଖିବାକୁ ଜିଲ୍ଲା ପ୍ରଶାସନ ଓ ଲୋକମହୋତ୍ସବ ଆୟୋଜକ ସମିତି ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଆଜି ଘୋଷଣା କରାଯାଇଥିଲା।

# ‘୫-ଟି’ ଅଧ୍ୟକ୍ଷଙ୍କ ଗସ୍ତ, ବିଜେଡିର ପ୍ରସ୍ତୁତି ବୈଠକ

**ବୁର୍ଲା, ୬।୧(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା ତଥା ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କାର୍ଯ୍ୟକ୍ରମ ଆସନ୍ତା ୧ ତାରିଖ ହେବାକୁ ସ୍ଥିର ହୋଇଛି। ସମ୍ବଲପୁର ସ୍ଥିତ ରେମେଡ଼ ଛକ ନିକଟ ପଡ଼ିଆରେ ଅନୁଷ୍ଠିତ ହେବ। ଏହାକୁ ନେଇ ବିଜେଡିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ବିକାଶ ମୂଳକ କାଯ୍ୟକ୍ରମକୁ ଆହୁରି ଆଗକୁ ବଢ଼ାଇ ଏହି ବିକାଶ ଧାରାରେ ସମସ୍ତ ଜନସାଧାରଣ ସାମିଲ ହେବା ପାଇଁ ଲୋକଙ୍କ ଅନୁରୋଧ କରାଯିବାକୁ ମତ ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବୁର୍ଲାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ଷ୍ଟାଡିଅମର ଶୀଳାନ୍ୟାସ, ସ୍ପୋର୍ଟ୍ସ କଂପ୍ଲେକ୍ସର ଉଦଘାଟନ ଓ ଫୁଟବଲ ଏକାଡେମୀର ଉଦଘାଟନ କରିଥିବାରୁ ବୁର୍ଲା ବିଜେଡ଼ି ତଥା ଜନସାଧାରଣଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାନଗର ସଭାପତି ସତୀଶ ବିଶି ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ରେଢ଼ାଖୋଲ ବିଧାୟକ ତଥା ଜିଲ୍ଲା ସଭାପତି ଇଂରୋହିତ ପୂଜାରୀ, ରାଜ୍ୟ ସାଧାରଣ ସମ୍ପାଦକ ଇଂ ସିଦ୍ଧାର୍ଥ ଦାସ, କେନ୍ଦୁପତ୍ର ବୋର୍ଡ଼ ଉପଦେଷ୍ଟା ସଞ୍ଜିତ ମହାନ୍ତି, ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ମିଲନ ହୋତା, ଶୁଭ୍ରାଂଶୁ ପାଢ଼ୀ ମଞ୍ଚାସୀନ ଥିଲେ। ଜିଲ୍ଲା ଉପ ସଭାପତି ଦେବାଶିଷ ନନ୍ଦଙ୍କ ନେତୃତ୍ୱରେ ହୋଇ ଥିବା ଏହି କାର୍ଯ୍ୟକ୍ରମରେ ଅଶୋକ କୁମାର ମହାକୁର, ସୁମନ୍ତ ପଣ୍ଡା, ତରଣୀସେନ ଚାନ୍ଦ, ରମାକାନ୍ତ ସାହୁ, ବିଭୀଷଣ ଭୀଷର, ଗୋକୁଳି ରାଉତ, ଦେବେନ୍ଦ୍ର ପ୍ରଧାନ, ସଞ୍ଜୟ ଗୌଡ଼, ଆର ଏ ଶିବ କୁମାର, ଅମିତାଭ ପରିଡ଼ା, ବାପି ପଣ୍ଡା, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅନିତା ନାୟକ, କଳ୍ପନା ବେହେରା, ଶାନ୍ତିଲତା ସ୍ୱାଇଁ, ରାଜକୁମାରୀ ନିଆଲ, ବୋଲି ଭୁଏ, ସୀତା ପ୍ରଧାନ, ବୈଜୟନ୍ତୀ ପାଢ଼ୀ, ଦୁର୍ଗେଶିନୀ ବେହେରା, ଲଳିତା କୁମାରୀ, ଏବଂ ବହୁ ବିଜୁପ୍ରେମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ସହଯୋଗ କରିଥିଲେ।




# ହୀରାକୁଦ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ

**ହୀରାକୁଦ, ୬।୧(ସମିସ):** ଆଜି ହୀରାକୁଦ କ୍ରୀଡ଼ା ସଂସଦ ତରଫରୁ ସୁଭାଷ ପଡ଼ିଆରେ ହୀରାକୁଦ ପ୍ରିମୀୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ ହୋଇଛି।ଏଥିରେ ଅଂଶଗ୍ରହଣ କରିଥିବା ୬ଟି ଦଳର ଖେଳାଳିମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ରଙ୍ଗାରଙ୍ଗ ଉତ୍ସବରେ ନାଚଗୀତ ସହ ଏହାକୁ ଆରମ୍ଭ କରାଯାଇଥିଲା। ଅତିଥି ମାନେ କେକ କାଟି ଟ୍ରଫି ଉନ୍ମୋଚନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହିଣ୍ଡାଲକୋ କର୍ପୋରେଟ ଏଫେୟାର ମୁଖ୍ୟ ବ୍ରହ୍ମାନନ୍ଦ ପଣ୍ଡା, ଅନ୍ୟାନ୍ୟ ଅତିଥି ଭାବରେ ସିଏସ୍‌ଆର ବିଭାଗର ଆନନ୍ଦ ଚକ୍ରବର୍ତ୍ତୀ ଯୋଗଦାନ କରିଥିଲେ। ଆଜିର ମ୍ୟାଚ୍ କେବିଏସ୍ ୱାରିଅର୍ସ ଓ ସୁଲତାନ ୱରିଅର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁଲତାନ ଦଳ ଟସ୍ ଜିତି ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଦଳ ପକ୍ଷରୁ ଦେବେନ୍ଦ୍ର ୪୬ ରନ ସୋମେଶ ଓ ଶ୍ରୀରାମ ୧୮ ରନ କରି ଦଳକୁ ୧୪୬ ରନ ସଂଗ୍ରହ କରିଥିଲେ। କେ ବି ଏସ ପକ୍ଷରୁ ସୁମନ୍ତ ଏକ୍କା ୩ ଓଭର ରେ ୧୬ ରନ ଦେଇ ୩ ୱିକେଟ ଓ ବସନ୍ତ ୪ଓଭରରେ ୧୭ରନ ଦେଇ ୨ୱିକେଟ ନେଇଥିଲେ। ଜବାବରେ କେବିଏସ୍ ଦଳ ପକ୍ଷରୁ ନଗେନ୍ଦ୍ର ୨୫ ଓ ବସନ୍ତ ୨୧ ରନ କରିଥିଲେ। ଅନ୍ୟ ଖେଳାଳି ମାନେ ସ୍କୋର କରିପାରି ନଥିଲେ। ଏଣୁ ସମସ୍ତ ଦଳ ୧୧୪ ରନରେ ସମସ୍ତ ୱିକେଟ ହରାଇଥିଲା। ସୁଲତାନ ଦଳର ଦେବେନ୍ଦ୍ରଙ୍କୁ ମେନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ଏମ୍ପିୟାର ଭାବେ ହର୍ଷଦ ସାହୁ ଓ ବିକ୍ରମ ମ୍ୟାଚ୍ ରେଫିରି ଭାବେ ସୂର୍ଯ୍ୟକାନ୍ତ, ସ୍କୋର ଦାୟିତ୍ୱରେ ଜଟାଧାରୀ ଛନ୍ଦା ଥିଲେ। ଏହି ଅବସରରେ କ୍ରୀଡ଼ା ସଂସଦ ସଭପତି ଗଣେଶ ପଲାଇ, କାର୍ଯ୍ୟକାରୀ ସଭାପତି ସଚୀକାନ୍ତ ମିଶ୍ର, ଉପସଭାପତି ସୁନିଲ ସାହୁ, ସମ୍ପାଦକ ପ୍ରତାପ ତାଣ୍ଡି, କ୍ରିକେଟ ସମ୍ପାଦକ ବିଘ୍ନେଶ୍ୱର ପାଣିଗ୍ରାହୀ, ଫୁଟବଲ ସମ୍ପାଦକ କ୍ଷୀରୋଦ ନାୟକ, ସୁରେନ୍ଦ୍ର ବିଶ୍ୱାଳ, ଜ୍ଞାନେନ୍ଦ୍ର ମିଶ୍ର, ସତନାମ ସିଂ, ବେନୁଆ ସାଲେମ, ମନିନ୍ଦର୍ ସିଂ, ପ୍ରହ୍ଲାଦ, ଦଳ ମାଲିକ ଏମ୍‌ଡି ଆସିଫ, ରବି ନାରାୟଣ ଅଗ୍ରୱାଲ, ଅମିତାଭ ପରିଡ଼ା, ସୁରେଶ ସାହୁ, ଉମା ଶଙ୍କର ଗୌଡ଼ ଉପସ୍ଥିତ ଥିଲେ।

## ଉଡାନର ରନୱେ ସିଜନ ୩

# ଦର୍ଶକଙ୍କ ମନ ଜିଣିଲା କୁନି ପ୍ରତିଭାଙ୍କ ଫେଶନ ଶୋ

**ସମ୍ବଲପୁର, ୬।୧(ସମିସ)**

ର୍‌ୟାମ୍ପରେ ଚାଲିଲେ କୁନି ପ୍ରତିଭା। ସମ୍ବଲପୁରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ‘ଉଡାନ’ ପକ୍ଷରୁ ଫ୍ୟାସନ୍ ସୋ ରନୱେ ସିଜନ ୩ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁନି କୁନି ପ୍ରତିଭାମାନେ ଭାଗ ନେଇଥିଲେ। ଫ୍ୟାସନ ସୋରେ ୱେଷ୍ଟର୍ଣ୍ଣ ଓ ସମ୍ବଲପୁରୀ ପୋଷାକକୁ କୁନି ପ୍ରତିଭାମାନେ ପରିଧାନ କରି ର୍‌ୟାମ୍ପରେ ଚାଲିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶାଶ୍ୱତ ଯୋଶୀ ଯୋଗଦେଇ ସମ୍ବଲପୁରୀ ବସ୍ତ୍ର, ସଂସ୍କୃତି, ଗୀତ କେମିତି ଦେଶ ତଥା ଦେଶ ବାହାରେ ପରିଚିତ ସେ କଥା କହିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଅନୁଷ୍ଠାନ ପରାମର୍ଶ ଦାତା ବୋର୍ଡ ସଭାପତି ହେମନ୍ତ କୁମାର ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସକାଳ ଓ ନନ୍ଦିଘୋଷ ପଶ୍ଚିମ ଓଡ଼ିଶା ଶାଖା ପରିଚାଳକ ନରୋତ୍ତମ ଗୁରୁଙ୍କୁ ସମ୍ମାନୀତ କରାଯାଇଥିଲା। ଛୋଟ ପିଲାଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହା କରାଯାଉଛି ବୋଲି ଉଡାନର ଅଧ୍ୟକ୍ଷ ରମେଶ ସାହା କହିଛନ୍ତି। ଗୀତର ତାଳେ ତାଳେ ୧୩ ବର୍ଷରୁ କମ୍ କୁନି ପ୍ରତିଭାମାନେ ସମ୍ବଲପୁରୀ ପୋଷାକ ପିନ୍ଧି ର୍‌ୟାମ୍ପକୁ ଓହ୍ଲାଇଥିଲେ। ଶାଶ୍ୱତ ଯୋଶୀଙ୍କ ସହ ତାଙ୍କ ଝିଅ ମଧ୍ୟ ର୍‌ୟାମ୍ପରେ ଚାଲିଥିଲେ। ବାପଝିଅ ଯୋଡିକୁ ଦର୍ଶକ ଖୁବ ପ୍ରଶଂସା କରିଥିଲେ। ସମ୍ବଲପୁରୀ ଡିଜାଇନ, ହ୍ୟାଣ୍ଡଲୁମ ଡିଜାଇନକୁ ସମସ୍ତଙ୍କ ସାମ୍ନାକୁ ଆସିବା ପାଇଁ କୁନି ପ୍ରତିଭାଙ୍କ ଦ୍ୱାରା ଏହା କରାଯାଉଥିବା ସେ କହିଛନ୍ତି।। ଛୁଆଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ସହ ଷ୍ଟେଜ ପ୍ରତି ଥିବା ଭୟକୁ ହଟାଇବା ପାଇଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉଡାନର ନିର୍ଦ୍ଦେଶକ ତମନ୍ନା ସାମନ୍ତରାୟ କହିଛନ୍ତି।










